# ମହିଳାଙ୍କୁ ଲୁହାରଡ଼ରେ ପିଟି ହତ୍ୟା ଉଦ୍ୟମ ଅଭିଯୋଗ

**ମହାକାଳପଡ଼ା, ୨୪।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ବତୀଘର ଅଞ୍ଚଳରେ ଜଣେ ଯୁବକ ଏକ ମତ୍ସ୍ୟଜୀବୀ ପରିବାରର ମହିଳାଙ୍କୁ ରଡ଼ରେ ପିଟି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ପରିବାର ସଦସ୍ୟ ଝିଅ ଓ ମା' ଉକ୍ତ ଯୁବକଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବତୀଘର ଅଞ୍ଚଳର ସୁବଳ ଗିରି ଦିନମଜୁରିଆ ଭାବେ ଏକ ମାଛଧରା ବୋଟ୍‌ରେ ମତ୍ସ୍ୟଜୀବୀ ଭାବେ କାମକରି ଦୁଇ ପଇସା ରୋଜଗାର କରି ଘର ଚଳାଇଥାନ୍ତି। ତେବେ ମତ୍ସ୍ୟଜୀବୀ ସୁବଳ ସମୁଦ୍ରରେ ସପ୍ତାହେ ବୋଟ୍‌ରେ ରହି ମାଛ ଧରିଥାନ୍ତି। ଅପରପକ୍ଷରେ ସୁବଳ ଘରେ ନ ଥିବାର ସୁଯୋଗ ଦେଖି ପଡ଼ୋଶୀ ଅଶୋକ ବୈଦ୍ୟ ତାଙ୍କ ଘରେ ପଶି ଅତ୍ୟାଚାର କରିଚାଲିଥିଲେ। ସୁବଳଙ୍କ ସ୍ତ୍ରୀ ମାମୁନି ଅତ୍ୟାଚାର ସହି ନ ପାରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୨୯/୨୪ରେ ଏକ ମାମଲା ରୁଜୁ କରିବା ସହ ଭାରତୀୟ ନ୍ୟାୟ ସଂହିତା ଧାରା ୮ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଗୁରୁବାର ମାମୁନି ମାଛ ଧରିବା ପାଇଁ ନିକଟ ଜଙ୍ଗଲିଆ ନାଳକୁ ଯାଇଥିଲେ। ମା' ମାଛ ଧରି ଆସିବାରେ ବିଳମ୍ବ ହୋଇଥିଲା। ସନ୍ଧ୍ୟା ହେବାରୁ ମାମୁନିଙ୍କ ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅ ମା'ଙ୍କୁ ଖୋଜିବାକୁ ନିକଟ ଜଙ୍ଗଲ ବାଟ ଦେଇ ନାଳକୁ ଯାଇଥିଲେ। ଏହି ସମୟରେ ଜଙ୍ଗଲ ମଧ୍ୟରେ ଛକି ରହିଥିବା ଅଶୋକ ନାବାଳିକା ଛାତ୍ରୀଙ୍କୁ ଜଙ୍ଗଲ ଭିତରକୁ ନେଇ ଟଣାଓଟରା କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଛାତ୍ରୀ ଜଣକ ରକ୍ଷା କର ବୋଲି ଚିତ୍କାର କରିବାରୁ ଅଶୋକ ଘଟଣାସ୍ଥଳରୁ ଚମ୍ପଟ ମାରି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲେ। ପରେ ମା' ଝିଅ ଘରକୁ ଫେରି ସବୁ କଥା କହିଥିଲେ। ପରଦିନ ଅଭିଯୋଗକାରୀ ମାମୁନିଙ୍କୁ ଘରେ ନିରୋଳାର ସୁଯୋଗ ନେଇ ଅଶୋକ ଘରୁ ଟାଣି ଟାଣି ନେଇ ବିଟ୍ ରାସ୍ତାରେ ଲୁହାରଡ଼ରେ ବାଡ଼େଇବା ସହ ପନିକିରେ ହାଣିବା ପାଇଁ ଉଦ୍ୟମ


ବତୀଘର ପଞ୍ଚାୟତ ମତ୍ସ୍ୟଜୀବୀ ପରିବାରକୁ ଆକ୍ରମଣ ହୋଇଥିବା ନେଇ ପୀଡ଼ିତାଙ୍କ ଅଭିଯୋଗ।

କରିଥିଲେ। ମାମୁନିଙ୍କ ଚିତ୍କାର ଶୁଣି ଗ୍ରାମର ମୁରବି ଧନେଶ୍ୱର ବେହେରା ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ଧନେଶ୍ୱର ପୀଡ଼ିତା ମହିଳାଙ୍କୁ ଉଦ୍ଧାର କରି ପଞ୍ଚାୟତ କାର୍ଯ୍ୟାଳୟକୁ ନେଇଥିଲେ। ଯୁବକଙ୍କ ଲୁହାରଡ ମାଡ଼ରେ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପୀଡ଼ିତା ମାମୁନି ଚିକିତ୍ସା ପାଇଁ ପାରାଦୀପ ମେଡିକାଲକୁ ଯାଇଥିବା କହିଛନ୍ତି। ପରେ ଖବରପାଇ ବତୀଘର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଶିବୁ ବିଜୁଳି ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମାମୁନି ଅଶୋକଙ୍କ ବିରୋଧରେ ଲିଖିତ ଅଭିଯୋଗ ଥାନାରେ କରିଛନ୍ତି। ଅପରପକ୍ଷରେ ସ୍ଥାନୀୟ ପୋଲିସ ଅଶୋକଙ୍କୁ ଖୋଜିବା ପାଇଁ ୩ ଦିନ ଧରି ଘରକୁ ଯାଇ ମଧ ଟେର୍ ପାଉନି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ତଦନ୍ତକାରୀ ଅଧିକାରୀ ନିକୁଞ୍ଜ ବିହାରୀ ପ୍ରଧାନଙ୍କୁ ପଚାରିବାରେ ଅଶୋକଙ୍କୁ ଧରିବା ପାଇଁ ଘରକୁ ଗଲେ ଜଙ୍ଗଲରେ ଲୁଚି ଯାଉଛନ୍ତି ବୋଲି ସେ କହିଛନ୍ତି। ଗିରଫ ପାଇଁ ପୋଲିସ ପକ୍ଷରୁ ଚେଷ୍ଟା ଜାରି ରହିଛି।

**ଗିରଫ ଭୟରେ ଜଙ୍ଗଲରେ ଲୁଚିଛନ୍ତି ଯୁବକ**

ଗିରଫ ଭୟରେ ଜଙ୍ଗଲରେ ନିରାପଦ ସ୍ଥାନରେ ଆତ୍ମଗୋପନ କରିଛନ୍ତି ବୋଲି କୁହାଯାଇଛି। ଅପରପକ୍ଷରେ ଏହି ଯୁବକଙ୍କ ବିରୋଧରେ ପୂର୍ବରୁ ମାମଲା ରହିଛି। ଜଙ୍ଗଲ ବିଭାଗର ଅସ୍ଥାୟୀ କର୍ମଚାରୀ ଭାବେ ପୂର୍ବରୁ ସେ କାମ କରୁଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**କେନ୍ଦ୍ରାପଡ଼ା, ୨୪।୧୧(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସଦର ଥାନା ଗୁଆଳସିଂଠାରେ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ ହୋଇଛି। ଏ ନେଇ ସଦର ଥାନା ପୋଲିସ ଓ ପାରାଦୀପସ୍ଥ ରେଳବାଇ ପୋଲିସ ମିଳିତ ଭାବେ ତଦନ୍ତ କରୁଛି। ମୃତକ ହେଉଛନ୍ତି ଡେରାବିଶ ବ୍ଲକ ଚାନ୍ଦୋଲ ପଞ୍ଚାୟତ ଭଣଗାଁ ଗ୍ରାମର ଦୁର୍ଗାପ୍ରସାଦ ସାହୁ। ଶନିବାର ରାତିରୁ ସେ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ତେବେ ରବିବାର ସକାଳେ ରେଳଧାରଣା ମଧ୍ୟରେ ମୁଣ୍ଡ, ବାହାର ପାର୍ଶ୍ୱରେ ଗଣ୍ଡି ରହିଥିବା ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକ ଏହି ଦୃଶ୍ୟ ଦେଖିବା ପରେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ତେବେ ପରିବାର ସଦସ୍ୟ ମୃତ ଦୁର୍ଗାପ୍ରସାଦଙ୍କୁ କେହି ମାରିଦେଇ ରେଳଧାରଣାରେ ଶୁଆଇ ଦେଇଥିବା ସଦର ଥାନାରେ ଅଭିଯୋଗ କରିଛନ୍ତି।

# ସିପିଆଇଏମ୍ କେନ୍ଦ୍ରାପଡ଼ା ଜିଲ୍ଲା ୧୧ଶ ସମ୍ମିଳନୀ




**ରାଜକନିକା, ୨୪।୧୧(ସଞ୍ଜୟ କୁମାର ଦାଶ)**

ଦରଦାମ ନିୟନ୍ତ୍ରଣ, ବେକାରୀଙ୍କୁ ନିଯୁକ୍ତି, ଖାଲି ପଡ଼ିଥିବା ପଦବୀ ପୂରଣ, ଜାତିଗତ ଜନଗଣନା, ଚାଷୀଙ୍କ ସମସ୍ତ ବଳକା ଧାନ କ୍ରୟ, କୁମ୍ଭୀର ସମେତ ବନ୍ୟଜନ୍ତୁଙ୍କଠାରୁ ଧନ ଜୀବନ ରକ୍ଷା, ଚାନ୍ଦବାଲି-କେନ୍ଦ୍ରାପଡ଼ା ରେଳ ସଂଯୋଗ, ପରିବର୍ଦ୍ଧିତ ଇକୋ ସେନସିଟିଭ ଜୋନକୁ ପ୍ରତ୍ୟାହାର ଦାବିରେ ରବିବାର ସିପିଆଇଏମ୍ ୧୧ଶ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ଆରମ୍ଭରେ ପାର୍ଟିର ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ ପାର୍ଟିର ପତାକା ଉତ୍ତୋଳନ କରିଥିଲେ। ଶହୀଦ ବେଦିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପାର୍ଟି ନେତା ବାବାଜୀ ପରିଡ଼ାଙ୍କ ନାମରେ ନାମିତ ମଞ୍ଚରେ ଘରୋଇ ଅଧିବେଶନ ଆରମ୍ଭ ହୋଇଥିଲା। ଜଗତଜୀବନ ଦାଶ, ନଳିନୀପ୍ରଭା ତରାଇ, ସୋମନାଥ ବିଶ୍ୱାଳଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜମେଶ୍ୱର ସାମନ୍ତରାୟ କହିଥିଲେ, ଜନଗଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷା କରି ଜନବାଦୀ ଦାବିଗୁଡ଼ିକୁ ନେଇ ବ୍ୟାପକ ଆନ୍ଦୋଳନ କରିବାକୁ ପଡ଼ିବ। ଜିଲ୍ଲା ସମ୍ପାଦକ ଗୟାଧର ଧଳ ୩ ବର୍ଷର ସାଙ୍ଗଠନିକ ରିପୋର୍ଟ ପାଠ କଲା ପରେ ଉପସ୍ଥିତ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଏହି ସମ୍ମିଳନୀ ଆସନ୍ତା ୩ ବର୍ଷ ପାଇଁ ଏକ ୯ଜଣିଆ ଜିଲ୍ଲା କମିଟି ନିର୍ବାଚିତ କରିଛି। ଗୟାଧର ଧଳ ସମ୍ପାଦକ ଓ ଜଗତ ଜୀବନ ଦାଶ, ନରୋତ୍ତମ ପାର୍ଥସରଥୀ, ଧୀବର ବେହେରା, ନଳିନୀପ୍ରଭା ତରାଇ, ନବକିଶୋର ସୁତାର, ରତ୍ନାକର ମଲ୍ଲିକ, ଭୀମସେନ ବେହେରା, ସୋମନାଥ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ କୃଷକ ନେତା ଗଙ୍ଗାଧର ମଲ୍ଲିକ, ଦାମୋଦର ଧଳଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ବକ୍ତବ୍ୟ ରଖିଥିଲେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବଦ୍ରିନାରାୟଣ ଦାଶ।

# ରାଜନଗରରେ ମୂର୍ଚ୍ଛନା କଳା ପରିଷଦ ଉଦ୍‌ଘାଟିତ



**ରାଜନଗର, ୨୪।୧୧(ଭାସ୍କର ରାଉତରାୟ)**

ରାଜନଗରସ୍ଥିତ ସେଣ୍ଟ୍ ଜାଭିୟର ସ୍କୁଲ ଆନୁକୂଲ୍ୟରେ ମୂର୍ଚ୍ଛନା କଳା ପରିଷଦର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଗୁରୁଜୀ ଶୁକଦେବ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ, ବସନ୍ତ କୁମାର ହାତୀ ଯୋଗଦେଇଥିଲେ। ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ପବିତ୍ର ବ୍ରହ୍ମପୁତ୍ର ନାୟକ, ଆଇନଜୀବୀ ଦେବଦତ୍ତ ସେଠୀ। କଳାକାର ରାମଚନ୍ଦ୍ର ବାରିକ, ବେଲପାଳ ନିମ୍ନ ମୌଳିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଧାସ୍ମିତା ବିଶ୍ୱାଳ, ଜଗନ୍ନାଥପୁର ଶାସନ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କର ଲୁକାୟିତ ପ୍ରତିଭାର ବିକାଶ ମୂର୍ଚ୍ଛନା କଳା ପରିଷଦର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଯୁବପ୍ରତିଭା ଆଶୁତୋଷ ନାଥଶର୍ମା, ଆର୍ଯ୍ୟନ ବେହେରା, ରାମଚନ୍ଦ୍ର ବାରିକ ପ୍ରମୁଖ ଭଜନ ପରିବେଷଣ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ, ପଦନପୁର ଚାମ୍ପିୟନ

**ରାଜକନିକା, ୨୪।୧୧(ସଞ୍ଜୟ କୁମାର ଦାଶ)**

ଜାୟମାଲବ କ୍ରୀଡ଼ା ଓ ସାଂସ୍କୃତିକ ସମିତି ଆନୁକୂଲ୍ୟରେ କ୍ରୀଡ଼ାବିତ୍ ଜ୍ୟୋତିବନ୍ତ ବିଶ୍ୱାଳଙ୍କ ସ୍ମୃତିରେ ତୃତୀୟ ବାର୍ଷିକୀ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ଜାଗୁଲାଇପଡ଼ା ଖେଳପଡ଼ିଆରେ ରବିବାର ଶେଷ ହୋଇଛି। ଏହି ଫାଇନାଲ ମ୍ୟାଚ୍ ପଦନପୁର ଫୁଟ୍‌ବଲ କ୍ଲବ ଆଳି ବନାମ ନେତାଜୀ କ୍ଲବ୍ ତରାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ଭାବେ ମ୍ୟାଚ୍ଟି ଶେଷ ହୋଇଥିବା ବେଳେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକର ଜରିଆରେ ପଦନପୁର ୪-୩ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟାପକ ସଞ୍ଜୟ ମହାନ୍ତିଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତି ରାଉତ, ପୂର୍ବତନ ଚାନ୍ଦବାଲି ପଞ୍ଚାୟତ ସମିତି ଅଧକ୍ଷ ନରେଶ ଚନ୍ଦ୍ର ମାଝୀ, ଯୁବ ସଙ୍ଗଠକ ପବିତ୍ର ରାଉତ, ଜାଗୁଲାଇପଡ଼ା ସରପଞ୍ଚ ଲିଲିଭା


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳ।

ମଲ୍ଲିକ, ରାଜକନିକା ଥାନା ଏସ୍‌ଆଇ ଜ୍ୟାକ୍ଲିନ୍ ପରିଜା ଓ ଏସ୍‌ଆଇ ମାନସ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ପଦନପୁର ଟିମ୍‌କୁ ଟ୍ରଫି ସହ ୧୫ ହଜାର ଅର୍ଥରାଶି ପୁରସ୍କାର ଓ ରନର୍ସ ଅପ ନେତାଜୀ କ୍ଲବକୁ ଟ୍ରଫି ସହ ୧୦ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ଏଥିସହ ମ୍ୟାନ୍ ଅଫ୍ ଦି ସିରିଜ୍ ଫାରୁକ୍ ଖାଁ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆୟାଜ ଖାଁ, ବେଷ୍ଟ ଫରୱାର୍ଡ ନେତାଜୀ କ୍ଲବର ଶୀତଲ ନାୟକ, ବେଷ୍ଟ ଡିଫେଣ୍ଡର ସୂର୍ଯ୍ୟକାନ୍ତ ସାହୁ, ବେଷ୍ଟ ଗୋଲରକ୍ଷକ ପଦନପୁର ଟିମ୍‌ର ଲାଲୁଙ୍କୁ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ଉପଦେଷ୍ଟା ଗଣନାଥ ପଡ଼ିହାରୀ ଧନ୍ୟବାଦ ଦେଇଥିଲେ। ରେଫରି ଭାବେ ଶରତ କୁମାର ଜେନା, ପ୍ରଶାନ୍ତ ସେନାପତି, ଅମର ଜେନା ଓ ପ୍ରହ୍ଲାଦ ଜେନା ପରିଚାଳନା କରିଥିଲେ। ସଭାପତି ବିନୋଦ ପଡ଼ିହାରୀ, ସମ୍ପାଦକ ଅମିତ ମଲ୍ଲିକ, କୋଷାଧକ୍ଷ ବିଶ୍ୱରଞ୍ଜନ ନାୟକ, ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳ, ବିବ୍ରତ ମଲ୍ଲିକ, ରୁଦ୍ରନାରାୟଣ ଦାସ, ଲଲାଟ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ତପନ ରାଉତ, ସ୍ମିତପ୍ରଜ୍ଞ ଦାଶ ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ. ମନୋରଞ୍ଜନ ପଣ୍ଡାଙ୍କୁ ଭାରତ ବିଭୂଷଣ ପୁରସ୍କାର




**ଡେରାବିଶ, ୨୪।୧୧(ବେବର୍ତ୍ତା ଅଜୟ ଦାସ)**

ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଦିଲ୍ଲୀ ବିଧାନସଭା ପରିସରରେ ଚଳିତବର୍ଷ ପାଇଁ ଭାରତ ବିଭୂଷଣ ପୁରସ୍କାର ଗ୍ରହଣ କରିଛନ୍ତି। ଦିଲ୍ଲୀ ସରକାରଙ୍କ ସହ ଅନୁବନ୍ଧିତ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ରିଫର୍ମ ଆଣ୍ଡ ହାୟର ଏଜୁକେସନ ଏବଂ ନୀତି ଆୟୋଗଙ୍କ ମିଳିତ ସହଯୋଗରେ ଇନୋଭେଟିଭ ଭାଇସ୍ ପ୍ରିନ୍ସିପାଲ-୨୦୨୪ ଭାବେ ସେ ମନୋନୀତ ହୋଇ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଉତ୍ସବରେ ଡ. ପଣ୍ଡାଙ୍କୁ ବାଚସ୍ପତି ଶ୍ରୀରାମ ନିୱାସ ଗୋୟଲ, ପଦ୍ମଶ୍ରୀ ଡ. ରାମଚେତ ଚୌଧୁରୀ, ପାର୍ଟିସିପେଟୋରି ରୁରାଲ ଡେଭେଲପମେଣ୍ଟ ଫାଉଣ୍ଡେଶନ, ଇସ୍‌ରେର ଜାତୀୟ ସଭାପତି ଡ. ଅତୁଲ ଶର୍ମାଙ୍କ ଉପସ୍ଥିତିରେ ଭାରତ ବିଭୂଷଣ ପୁରସ୍କାର ସହ ୨୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଡ. ମନୋରଞ୍ଜନ ପଣ୍ଡା କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତର ରଜାଙ୍ଗ ଗ୍ରାମର ନଳିନୀପ୍ରଭା ପଣ୍ଡା ଏବଂ ବାସୁଦେବ ପଣ୍ଡାଙ୍କ ପୁଅ। ଡ. ପଣ୍ଡା ପୁରସ୍କାର ଭାବେ ଗ୍ରହଣ କରିଥିବା ଅର୍ଥରାଶିକୁ ଯାତ୍ରା, ସଂସ୍କୃତି ସୁରକ୍ଷା ମଞ୍ଚ, ଓଡ଼ିଶା ଏବଂ ଅନୁଗୋଳର ଏକ ଅନାଥ ଆଶ୍ରମର ଉନ୍ନତି ପାଇଁ ପ୍ରଦାନ କରିଛନ୍ତି।

# ଏନ୍‌ସିସି ଆଲୁମ୍ନି ଆସୋସିଏଶନର ବାର୍ଷିକ ଉତ୍ସବ


ଏନ୍‌ସିସି ଡେ ଅବସରରେ ଅତିଥିଙ୍କ ଗହଣରେ କ୍ୟାଡେଟ୍‌ମାନେ।

**କେନ୍ଦ୍ରାପଡ଼ା, ୨୪।୧୧(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ଆଲୁମ୍ନି ଆସୋସିଏଶନର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ପ୍ରଭାସିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ବିଦ୍ୟୁମିତ୍ର ବଳ, ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ମନୋରଞ୍ଜନ ମହାନ୍ତି, କ୍ୟାପ୍‌ଟେନ ସୀମା ମହାନ୍ତି, ସତ୍ୟରଞ୍ଜନ ମିଶ୍ର ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ ଯୁବ ଶିକ୍ଷାର୍ଥୀଙ୍କ ପାଇଁ ଏନ୍‌ସିସିର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ସମୟାନୁବର୍ତ୍ତିତା, ଶୃଙ୍ଖଳା ଦ୍ୱାରା ଦେଶ ସୁରକ୍ଷିତ ହେବ ବୋଲି ପ୍ରକାଶ କରିଥିଲେ। ଆଲୋଚକମାନେ ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଚିନ୍ମୟ ବିଶ୍ୱାଳ ଉତ୍ସବ ସମ୍ପର୍କରେ ସମ୍ୟକ୍ ମାର୍ଗଦର୍ଶନ ଦେଇଥିଲେ। ଆସୋସିଏଶନର କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ।

# ଧୋୟାଞ୍ଚଳ ବିକାଶ ମଞ୍ଚ କାର୍ଯ୍ୟକାରୀ କମିଟି ପୁନଃ ଗଠିତ



**ପଟ୍ଟାମୁଣ୍ଡାଇ, ୨୪।୧୧(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ୭ଟି ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ଗଠିତ ଧୋୟାଞ୍ଚଳ ବିକାଶ ମଞ୍ଚର ଗୁରୁତ୍ୱପୂର୍ଣ୍ଣ ବୈଠକ ଦାଣ୍ଡିସାହିଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମାଜିକ କର୍ମୀ ଧନେଶ୍ୱର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁ, ଅଜୟ କୁମାର ବିଶ୍ୱାଳ, କୈଳାସ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସମିତିସଭ୍ୟ ଅଭୟ କୁମାର ସ୍ୱାଇଁ, ପ୍ରେମାନନ୍ଦ ସୁତାର, ସନାତନ ତରାଇ, ରବୀନ୍ଦ୍ର ପରିଡା, ନାରାୟଣ ବିଶ୍ୱାଳ, ସୁରେଶ ଚନ୍ଦ୍ର ନାୟକ ଗୋଲେଖ ବେହେରା, ସୁଧାଂଶୁ ଶେଖର ଦାସ, ମାଧବାନନ୍ଦ ମଳିକ, ଗୋବିନ୍ଦ ଚନ୍ଦ୍ର ମଳିକ, ସୁଦର୍ଶନ ମଳିକ, ଅଚ୍ୟୁତାନନ୍ଦ ଦାସ, ଶତ୍ରୁଘ୍ନ ବେହେରା, ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଧୋୟାଞ୍ଚଳ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଚାଷୀଙ୍କ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମଞ୍ଚ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଭେଟିବାକୁ ସ୍ଥିର କରାଯାଇଥିଲା। ଧୋୟାଞ୍ଚଳ ବିକାଶ ମଞ୍ଚ ସଭାପତି ବସନ୍ତ ମଲ୍ଲିକ ଅସୁସ୍ଥ ଥିବାରୁ ମଞ୍ଚ କାର୍ଯ୍ୟକ୍ରମରେ ଭାଗ ନେଇ ପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ମଞ୍ଚର କାର୍ଯ୍ୟକାରୀ କମିଟି ପୁନଃଗଠନ ପାଇଁ ନିଷ୍ପତ୍ତି ନିଆଯାଇ ଅଣରା ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁଙ୍କୁ ସଭାପତି ଓ ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୟନ କରାଯାଇଥିଲା। ଶେଷରେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ଭିତରକନିକାର ମା' ଜୟଦୁର୍ଗା ଟିମ୍ ଚାମ୍ପିୟନ

**ରାଜନଗର, ୨୪।୧୧(ଭାସ୍କର ରାଉତରାୟ)**

**ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ**

ରାଜନଗର ବ୍ଲକର ଡାଙ୍ଗମାଳଠାରେ ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୪ଟି ଦଳ ମଧ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲରେ ଭିତରକନିକାର ମା'ଜୟଦୁର୍ଗା ଭଲିବଲ ଟିମ ବାଘମାରି ଭଲିବଲ ଟିମକୁ ୨-୦ରେ ହରାଇ ଚାମ୍ପିୟନ ହୋଇଛି। ମା'ଜୟଦୁର୍ଗା ଭଲିବଲ ଟିମ ପକ୍ଷରୁ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା। ମା' ଜୟଦୁର୍ଗା ଭଲିବଲ ଟିମ ହାତିଆଗଣ୍ଡ ଭଲିବଲ ଟିମ୍ ସହ ବାଘମାରି ଭଲିବଲ ଟିମ ରଗଡ଼ାପାଟିଆ ଭଲିବଲ ଟିମ ସହିତ ଲିଗ ମ୍ୟାଚ ଖେଳା ଯାଇଥିଲା। ମା'ଜୟଦୁର୍ଗା ଭଲିବଲ ଟିମ ଓ ବାଘମାରି ଭଲିବଲ ଟିମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଜୟଦୁର୍ଗା ଭଲିବଲ ଟିମ ବାଘମାରିକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏସିଏଫ ମାନସ କୁମାର ଦାସ ମୁଖ୍ୟ ଅତିଥି, ସମିତିସଭ୍ୟ ଶ୍ରୀଚରଣ ଦାସ, ନାଏବ ସରପଞ୍ଚ କାର୍ତ୍ତିକ ବେହେରା, ଶିକ୍ଷାବିତ୍ ଚିତ୍ତ ରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁନିଲ ରାଉତରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ରୋହିତ ବେହେରାଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିମାନେ ମା' ଜୟଦୁର୍ଗା ଟିମ୍‌କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

# ପିଲାଙ୍କୁ ମିଳୁନି ଧନ୍ଦାମୂଳକ ଶିକ୍ଷା ପ୍ରଶିକ୍ଷଣ

**କୁଶିଆପାଳ ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟ**

- ସ୍କୁଲରେ ଅଛି ସ୍ୱାଧୀନତା ସଂଗ୍ରାମୀଙ୍କ ଅରଟ, ତନ୍ତ
- ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ଦାବି

**କେନ୍ଦ୍ରାପଡ଼ା, ୨୪।୧୧(ଜଗନ୍ନାଥ ଧଳ)**

ମାଧ୍ୟମିକସ୍ତରରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଡ୍ରପ୍‌ଆଉଟ ରୋକିବା ପାଇଁ ରାଜ୍ୟର ସମସ୍ତ ସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳିତ ହେବ ବୋଲି ୨୦୧୬ରେ ତତ୍କାଳୀନ ଗଣଶିକ୍ଷା ମନ୍ତ୍ରୀ କହିଥିଲେ। ଏହାକୁ ଇତିମଧ୍ୟରେ ୮ ବର୍ଷ ବିତିଛି। କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ଅପରପକ୍ଷେ ଦୀର୍ଘ ୮୦ ବର୍ଷ ପୂର୍ବେ ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ କୁଶିଆପାଳର ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟ ଏହାର ମୌଳିକତା ହରାଇ ସାରିଥିବା ଦେଖାଯାଇଛି। ସ୍କୁଲରେ ଏବେ ମଧ ସ୍ୱାଧୀନତା ସଂଗ୍ରାମୀଙ୍କ ଅରଟ ଓ ତନ୍ତ ପଡ଼ିରହିଛି। ଏହି ସ୍କୁଲରେ ପୁନର୍ବାର ଧନ୍ଦାମୂଳକ ଶିକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

ସ୍କୁଲ ସମ୍ପର୍କରେ ସାମାଜିକ କର୍ମୀ ଅମର କୁମାର ବିଶ୍ୱାଳ କହିଛନ୍ତି, ୧୯୩୬ରେ ସ୍କୁଲ ପ୍ରତିଷ୍ଠା ସମୟରେ ଅରଟରୁ ସୂତା କାଟିବା, ତନ୍ତରେ ଲୁଗା ବୁଣିବା ସହିତ ବିଭିନ୍ନ


କୁଶିଆପାଳର ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟ

ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଥିଲା। ଦେଶ ସ୍ୱାଧୀନତା ସମୟରେ ସ୍ଥାନୀୟ ଅଞ୍ଚଳର ଯଦୁମଣି ମଙ୍ଗରାଜ, ପୁରୁଷୋତ୍ତମ ନାୟକ, ମାୟାଧର ସାହୁ, କୁଳମଣି ନାୟକଙ୍କ ସହ ବହୁ ସ୍ୱାଧୀନତା ସଂଗ୍ରାମୀ ଏଠାରେ ମେଳିହୋଇ ଗାନ୍ଧୀ, ଗୋପବନ୍ଧୁଙ୍କ ବାର୍ତ୍ତା ପ୍ରଚାର କରୁଥିଲେ। ୧୯୪୬ରେ ଏହି ପ୍ରତିଷ୍ଠାନ ସରକାରୀକରଣ ହେବା ସହିତ ମୌଳିକ ଶିକ୍ଷାନୁଷ୍ଠାନର ମାନ୍ୟତା ମିଳିଥିଲା। ଏକଦା ପୂର୍ବତନ ରାଜ୍ୟପାଳ ଅଯୋଦ୍ଧାନାଥ ଖୋସ୍‌ଲା ଏହି ବିଦ୍ୟାଳୟକୁ ଆସି ଏତେ ଖୁସି ଅନୁଭବ କଲେ ଯେ, ପୁରସ୍କାରସ୍ୱରୂପ ଏକ ରେଡିଓ ପ୍ରଦାନ କରିଥିଲେ। ସମ୍ପ୍ରତି ସରକାରୀକରଣ ପରେ ସ୍କୁଲରେ କେବଳ ସାଧାରଣ ପାଠ୍ୟକ୍ରମ ଚାଲିଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଗ୍ରାମର ଆଇନଜୀବୀ ଶ୍ରୀକାନ୍ତ ସାହୁ କହିଛନ୍ତି, ୧୯୮୮ରେ ରାଜ୍ୟର ୨୩୧ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାବ୍ୟବସ୍ଥା ରାଜ୍ୟ ସରକାର ପ୍ରଚଳନ କଲେ। କୌଣସି କାରଣରୁ ଏହି ମୌଳିକ ସ୍କୁଲ ଏଥିରୁ ବଞ୍ଚିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଲୋକସମ୍ବଳ ବିନିଯୋଗ ଏକ ଆହ୍ୱାନ ହୋଇଛି। ସରକାରୀ ଚାକିରି ପଛରେ ଶିକ୍ଷିତ ଯୁବବର୍ଗ ଧାଇଁ ନିରାଶ ହେଉଛନ୍ତି। ଧନ୍ଦାମୂଳକ ଶିକ୍ଷା ମିଳି ନ ଥିବାରୁ ନିଶ୍ଚିତ କର୍ମନିଯୁକ୍ତି ଏବେ ପ୍ରଶ୍ନବାଚୀ ହୋଇଛି। ଶିକ୍ଷା ବ୍ୟବସ୍ଥାରେ ଅନ୍ୟୁନ ୪ର୍ଥ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାକୁ ବାଧ୍ୟ କରାଯାଉ ବୋଲି ଆଇନଜୀବୀ ସାହୁ ମତ ଦେଇଛନ୍ତି। ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ ଓ ମାଧବ ସ୍ୱାଇଁ କହିଛନ୍ତି, ୨୦୦୨ ମସିହାରେ ଏହା ନିମ୍ନ ମୌଳିକ ସ୍କୁଲ ଥିଲା। ଗ୍ରାମବାସୀ ଓ ସରକାରୀ ଉଦ୍ୟମରେ ୨୦୧୦ରେ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହୋଇଛି। ଯେହେତୁ ଏହା ଏକ ମୌଳିକ ବିଦ୍ୟାଳୟ, ଏଠାରେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ହେଉ ବୋଲି ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ଜିଲା ଶିକ୍ଷା ବିଭାଗର ତଦନ୍ତ ପରେ ଏ ଦିଗରେ ପଦକ୍ଷେପ ନେବା ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହତ୍ୟା ଧମକ ଦେଇ ୨ ଗିରଫ

**ଆସିକା,୨୪।୧୧(ସୁରେନ୍ଦ୍ର ନାଥ ସାହୁ)**

ଆସିକା ଏନଏସିର ଗଣ୍ଡପୋଲି ଗ୍ରାମରେ ଶନିବାର ରାତିରେ ତାଲା ଭାଙ୍ଗି କୋଠ ଘରେ ପଶିବା ଓ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗଣ୍ଡପୋଲି ଗ୍ରାମର ଗୌତମ ଦାସ ଓ ଦାସ ରବି। ନଂ.୭୬୩/୨୪ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି। ଶନିବାର ରାତି ପ୍ରାୟ ୧୦ଟାରେ ଅଭିଯୁକ୍ତଦ୍ୱୟ ଚୋରି ଉଦ୍ଦେଶ୍ୟରେ କୋଠ ଘର ତାଲା ଭାଙ୍ଗି ପଶିଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରି ନେଇଥିଲେ। ତାଙ୍କ ବିରୋଧରେ ଗଲେ ହତ୍ୟା କରିବେ ବୋଲି ସେମାନେ ଗ୍ରାମବାସୀଙ୍କୁ ଧମକ ଦେଇଥିବା ଗଣ୍ଡପୋଲର ଅଜୟ ଦାସ ପୋଲିସରେ ଅଭିଯୋଗ କରିଛନ୍ତି।

### ରୋଗୀ କଲ୍ୟାଣ ସମିତି ବୈଠକ

**ମୋହନା,୨୪।୧୧(ମନ୍ମଥ ମିଶ୍ର)**

ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ରବିବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟା, ଗାଁ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ୩୦ ବେଡ ଥିଲେ ମଧ୍ୟ ଜାଗା ଅଭାବରୁ ତାହା ପଡ଼ିପାରିନାହିଁ। ଏପରିକି ଭଲ ଶୌଚାଳୟ, ପାନୀୟଜଳ, ଡାକ୍ତରଙ୍କ କ୍ୱାର୍ଟର୍ସ ନାହିଁ। ଆମ୍ବୁଲାନ୍ସ, ଶବ ବାହକ ଗାଡ଼ି ଆର୍. ଉଦୟଗିରି, ନୂଆଗଡ, ମୋହନା ବ୍ଲକକୁ ମାତ୍ର ଗୋଟିଏ ଥିବାରୁ ବହୁ ଅସୁବିଧା ହେଉଥିବା ଆଲୋଚନା ହୋଇଥିଲା। ମେଡିକାଲ ଅଧିକାରୀ ଜୟ ପଣ୍ଡା,ଡାକ୍ତର ଅମୃତରାଜ ଜେନା, ଗୋପାଳ କୃଷ୍ଣ ସାହୁ, ଆୟୁଷ ଡ଼ାକ୍ତର ଅନୁପମା ପାଢ଼ୀ ପରିମଳ ଜେଇ ପଦ୍ମନାଭ ଖଣ୍ଡେଇଙ୍କ ସମେତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ଓ କର୍ମଚାରୀ ଉପସ୍ଥିତ ଥିଲେ। ରବିବାର ଛୁଟିଦିନ ଥିବାରୁ ବିଡ଼ିଓ, ବ୍ଲକ ଅଧ୍ୟକ୍ଷ, ସିଡିପିଓ ବୈଠକରେ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

### ଚିତ୍ରକଳା ପ୍ରତିଯୋଗିତା: ଦିଲ୍ଲୀ ଯିବେ ଶ୍ରୀରାମ ପ୍ରସାଦ

#### ରାଜ୍ୟସ୍ତରରେ ହୋଇଛନ୍ତି ପ୍ରଥମ

**ପାରଳାଖେମୁଣ୍ଡି,୨୪।୧୧(ଗିରିଧାରୀ ପରିଛା)**

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଜବାହର ନବୋଦୟର ଷଷ୍ଠ ଶ୍ରେଣୀ ଛାତ୍ର ଶ୍ରୀରାମ ପ୍ରସାଦ ଆଙ୍କୁଲୁ ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଫଳକ ସହ ପ୍ରମାଣପତ୍ର ଓ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। 'ଶକ୍ତି ସଂରକ୍ଷଣ' ଉପରେ ୩୦ଟି ଜିଲାରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୧୪ରେ ଆଙ୍କୁଲୁ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ନୂଆଦିଲ୍ଲୀରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ଅବସରରେ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଚାରୁକଳା ବିଦ୍ୟାଳୟ ପକ୍ଷରୁ ରବିବାର ଗାନ୍ଧି ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ଚିତ୍ରାନନ୍ଦ ବେବର୍ତ୍ତା, ଅଧ୍ୟକ୍ଷ ତଥା ସମ୍ପାଦକ ମୁରଲୀଧର ପରିଛା, ଶିକ୍ଷକ ସୁଜ୍ଞାନଚାନ୍ଦ ବ୍ରହ୍ମା, ଜ୍ୟୋତି କୁମାରୀ ବେହେରା,ଦମୟନ୍ତୀ ବରାଡ, ପୁରୁଷୋତ୍ତମ ଶବର ଉପସ୍ଥିତ ଥିଲେ।

### ଚଉଦଦେଶ କର୍ମଚାରୀ ସେବକ ସଂଘର ସମ୍ବର୍ଦ୍ଧନା ସଭା

**ରମ୍ଭା,୨୪।୧୧(ବନବାସୀ ସେଠୀ)**

ରମ୍ଭା ଲଣ୍ଡନ କିଡ଼ସ ପବ୍ଲିକ ସ୍କୁଲ ପରିସରରେ ଚଉଦଦେଶ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା ସଭାପତି ହରେକୃଷ୍ଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ସମ୍ମାନିତ ଅତିଥି ଘନଶ୍ୟାମ ବେହେରା, ମୁଖ୍ୟବକ୍ତା ଡ଼. ରାଜେନ୍ଦ୍ର ବେହେରା ଏବଂ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ନିଜ ଜାତିର ଓ ସମାଜର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଞ୍ଚଳରେ ଓଏଏସ୍ ପାଇଥିବା ୩ ଜଣଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଜାତିର ଗୌରବ ସାମ୍ନାରେ ସମ୍ମାନିତ କରାଯାଇଥିଲା। ପ୍ରହଲ୍ଲାଦ ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜାଗା

**ଖଣ୍ଡପଡ଼ା,୨୪।୧୧**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ବହୁ ମୂଲ୍ୟବାନ ସରକାରୀ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲରେ ରଖିଛନ୍ତି। କିଏ ଶିକ୍ଷାନୁଷ୍ଠାନ ନାମରେ ସରକାରୀ ଜାଗାକୁ ମାଡି ବସିଛି ତ ପୁଣି କିଏ ଧର୍ମାନୁଷ୍ଠାନ ନାମରେ ବହୁ ଜାଗା ଜବରଦଖଲ କରିଛନ୍ତି। ଖଣ୍ଡପଡ଼ା ତହସିଲ ପ୍ରଶାସନର ଉଦାସୀନତାର ସୁଯୋଗ ନେଇ ବହୁ ବ୍ୟକ୍ତି କୋଟିଏ ଟଙ୍କାର ସରକାରୀ ଜାଗା ମାଡ଼ି ବସିଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କ ରହିବା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ଏକାଧିକ ସରକାରୀ ବାସଗୃହ ନିର୍ମାଣ କରାଯାଇଥିଲା। ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ବାସଗୃହ ଗୁଡିକର ସ୍ଥିତି ଶୋଚନୀୟ ହୋଇ ପଡିଛି। ଉକ୍ତ ବାସଗୃହ ଗୁଡିକରେ କର୍ମଚାରୀମାନେ ରହିବାକୁ ଅନିଚ୍ଛା ପ୍ରକାଶ କରିବାର ସୁଯୋଗ ନେଇ କେତେଜଣ ଅସାମାଜିକ ବ୍ୟକ୍ତି ଏବେ ସେହି ବାସଗୃହରୁ ଝରକା, କବାଟ, ଲୁହାଗ୍ରୀଲ ସବୁକିଛି ଲୁଟି ନେଇଛନ୍ତି। ପ୍ରଶାସନିକ ଅଧିକାରୀ ସବୁ ଜାଣି ନୀରବଦ୍ରଷ୍ଟା ସାଜି ଥିବାରୁ ଏହା ଲୁଟେରାମାନଙ୍କୁ ସୁହାଇଛି। ଏହା ପରୋକ୍ଷରେ ଜବରଦଖଲକାରୀଙ୍କୁ ସୁଯୋଗ ଦେଇଛି। ସେହିପରି ସରକାରୀ ଜାଗାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଜାଗା ଓ ସରକାରୀ ଜମିକୁ ଏକାଧିକ ବ୍ୟକ୍ତି ଜବରଦଖଲ କରି ଉପଭୋଗ କରୁଥିବା ବେଳେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ନୀଳମାଧବଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବରଦଖଲକାରୀମାନେ ମାଡି ବସିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ମୂଲ୍ୟବାନ ସରକାରୀ ଜାଗାରୁ ଜବରଦଖଲକାରୀମାନଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପଥରଗଣ୍ଡ-ନଟବରପୁର ଶାସନ ଗ୍ରାମ ଦେଇ ଲକ୍ଷ୍ମୀବସ୍ ଚଳାଚଳ ଦାବି

**ଖଣ୍ଡପଡ଼ା,୨୪।୧୧**
**(ଅଜୟ କୁମାର ମହାରଣା)**

ଗ୍ରାମାଞ୍ଚଳବାସୀଙ୍କ ଯାତାୟତ ପାଇଁ ରାଜ୍ୟ ସରକାର (ଲକ୍ଷ୍ମୀ ବସ)ମୋ ବସ ସେବା ପ୍ରଚଳନ କରିଛନ୍ତି। ଖଣ୍ଡପଡ଼ା ସହରସ୍ଥିତ ନୂଆ ବସଷ୍ଟାଣ୍ଡ ପରିସରରୁ ବିଭିନ୍ନ ସ୍ଥାନକୁ ମୋ ବସ ଗୁଡିକ ଯାତାୟତ କରୁଛି। ଖଣ୍ଡପଡ଼ାଠାରୁ ଖଳିସାହି, ସିଂଘାପଡା ଦେଇ ଆଦିବାସୀ ଅଧୁଷିତ କୋସକା ଅଞ୍ଚଳକୁ ଦୈନିକ ମୋ ବସ ସେବା ଉପଲବ୍ଧ ହେଉଛି। ଫଳରେ ଜନସାଧାରଣ ସୁବିଧାରେ ଯାତାୟତ କରି ପାରୁଛନ୍ତି। ମାତ୍ର ଖଣ୍ଡପଡ଼ା ବ୍ଲକର ଗଡିଆସାହି ପଞ୍ଚାୟତ ଅଧୀନ ପଥରଗଣ୍ଡ, ନଟବରପୁର ଶାସନ, ହରିଜନ ସାହି, ନୂଆଗଡିଆସାହି, ପିତାମହୁଲ ପ୍ରମୁଖ ଗ୍ରାମର ବାସିନ୍ଦା ମୋ ବସ ସେବାରୁ ବଞ୍ଚିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଉପରୋକ୍ତ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ାରୁ ସିଂଘାପଡା ଗ୍ରାମ ଦେଇ କୋସକା ଅଭିମୁଖେ ଯାତାୟତ କରୁଥିବା ମୋ ବସଟି ପଥରଗଣ୍ଡ ଓ ନଟବରପୁର ଶାସନ ଗ୍ରାମ ଦେଇ ଯାତାୟତ କଲେ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହୋଇ ପାରିବେ। ତେଣୁ ଏଥିପ୍ରତି ରାଜ୍ୟ ସଡ଼କ ପରିବହନ ନିଗମ କର୍ତ୍ତୃପକ୍ଷ, ନୟାଗଡ଼ ଜିଲ୍ଲାପାଳ ଓ ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ଗଡିଆସାହି ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ଏକ ଦାବିପତ୍ର ବ୍ଲକ୍ ଓ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା




ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

**ନୟାଗଡ଼,୨୪।୧୧(ଲୋକନାଥ ମିଶ୍ର)**

ଶରଣକୁଳ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୦ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ହରିହରପୁର ଗ୍ରାମପଞ୍ଚାୟତର ସରପଞ୍ଚ ବିଳାସିନୀ ଦେଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୁଧବାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ବିଜୟ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନାଚାର୍ଯ୍ୟ ଭଗବାନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ଖେଳକୁଦ ଦ୍ୱାରା ନିଜର ସ୍ୱାସ୍ଥ୍ୟ ଭଲ ରହେ ବୋଲି କହିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୩ଦିନ ଧରି ଅନୁଷ୍ଠିତ କ୍ରୀଡା ଉତ୍ସବରେ ୩୬୦ଜଣ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଶାରୀରିକ ପ୍ରମୁଖ ଉତ୍ସବ ବେହେରା ଏବଂ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇପାରିଥିଲା। ଶେଷରେ ପରିଚାଳନା ସମିତିର ସଦସ୍ୟ ରାଜ କିଶୋର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ଗାଁ ହାଇସ୍କୁଲରେ ଏନ୍‌ସିସି ଦିବସ



ଏନ୍‌ସିସି ଦିବସରେ ସାମିଲ ହୋଇଥିବା କ୍ୟାଡେଟ।

**ଓଡ଼ଗାଁ,୨୪।୧୧**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ ଆନୁକୂଲ୍ୟରେ ରବିବାର ୭୬ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ସକାଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏନ୍‌ସିସି ପତାକା ଉତ୍ତୋଳନ କରିବା ପରେ ଏନସିସି ସଙ୍ଗୀତ ଗାନ କରାଯାଇଥିଲା। କ୍ୟାଡେଟମାନେ ମାର୍ଚ୍ଚପାଷ୍ଟରେ ଆସି ପ୍ରଧାନ ଶିକ୍ଷକ ଅଭିବାଦନ ଜଣାଇଥିଲେ। ଦେଶ ମାତୃକାର ସେବା କରିବା ପାଇଁ ସୈନିକ ହେବା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ପ୍ରଧାନ ଶିକ୍ଷକ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକଙ୍କ ସହିତ ସହକାରୀ ଶିକ୍ଷକ ବିଭୁ ରଞ୍ଜନ ଦାସ, ଅନିତା ବେହେରା ଓ ଏନସିସି ଅଫିସର ସାଇକେଲରେ ଦୂବିକେଶ୍ୱର ମହାଦେବଙ୍କ ପୀଠକୁ ଯାଇ ଦେବାଳୟ ପରିସର ସଫେଇ କରିଥିଲେ।

# ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

**ଦିଗପହଣ୍ଡି/ପାଟପୁର, ୨୪।୧୧**
**(ଅଶେଷନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ପାଟପୁର ପୋଲିସ ବାରିଗାଁର ଡମ୍ବ ମଲ୍ଲିକଙ୍କ ଗଳିତ ମୃତଦେହକୁ ଜବତ କରିଛି। ଶନିବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡମ୍ବ ଗତ ସୋମବାରଠାରୁ ନିଖୋଜ ଥିଲେ। ଘରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଔଷଧ ଆଣିବାକୁ ଯାଉଛି କହି ଘରୁ ବାହାରି ଯାଇଥିଲେ। ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ଗାଁ ନିକଟସ୍ଥ କପାବାଡ଼ରେ ଡମ୍ବଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ରାତି ୮ଟାରେ ତାଙ୍କ ପୁଅ ପ୍ରଶାନ୍ତ ପାଟପୁର ଥାନାରେ ଏତଲା ଦେଇଥିଲେ। ଆଇଆଇସି ସବ୍ୟସାଚୀ ମଲ୍ଲ ନଂ.୨୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ହିମାଂଶୁ ପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ।

# ୨୯ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ସମ୍ବର୍ଦ୍ଧିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷୟିତ୍ରୀ,ଶିକ୍ଷକ।

**ରଣପୁର,୨୪।୧୧**
**(ସୁକାନ୍ତ କିଶୋର ଡାକୁଆ)**

ନୟଗଡ଼ ଜିଲା ରଣପୁର ବ୍ଲକରେ କାର୍ଯ୍ୟରତ ୨୯ ଜଣ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ଶନିବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭିନ୍ନ ଶିକ୍ଷକ ସଂଘକୁ ନେଇ ଗଠିତ ହୋଇଥିବା ପ୍ରାଥମିକ ଶିକ୍ଷକ ସମନ୍ୱୟନ ସମିତି ଆନୁକୂଲ୍ୟରେ ସମୂହ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ରଣପୁର ବିଜ୍ଞାପିତ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀଣୀ ବନଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାରେ ଅବସର ନେଇଥିବା ୨୯ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିଥିବୃନ୍ଦ ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ କରି ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକମାନେ ଶିକ୍ଷକ ଭବନ କାର୍ଯ୍ୟାଳୟକୁ ସମ୍ପୂର୍ଣ କରିବା ପାଇଁ ବାଚସ୍ପତିଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସହିତ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ସାଇକେଲ ମାରାଥନ



**ଦଶପଲ୍ଲା,୨୪।୧୧**
**(ପ୍ରକାଶ କୁମାର ପାଣି)**

୭୬ତମ ଏନ୍‌ସିସି ଦିବସ ଅବସରରେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା 'ସାଇକ୍ଲୋଥନ' ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ୫୦ଜଣ ଏନ୍‌ସିସି କ୍ୟାଡେଟ ବିଦ୍ୟାଳୟଠାରୁ ପ୍ରାୟ ୨୦ କିମି ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ସାଇକେଲ ଚଳାଇଲେ ନିଜେ ସୁସ୍ଥ ରହିବା ସହ ଆମ ସହର, ଦେଶ ତଥା ପୃଥିବୀ ପ୍ରଦୂଷଣରୁ ମୁକ୍ତ ହେବ ବୋଲି ପ୍ରଚାର କରାଯାଇଥିଲା। ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର କ୍ୟାଡେଟ୍‌ମାନେ ଦଶପଲ୍ଲାର ଏନ୍‌ଏସି ଅନ୍ତର୍ଗତ ଗ୍ରାମ ତଥା ଖମାରସାହି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସାଇକେଲ ଚଳାଇ ବୁଲିଥିଲେ। ଏହାଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଏନ୍‌ସିସି ଅଫିସର ଗଙ୍ଗାଧର ସାହୁ ପରିଚାଳନା କରିଥିଲେ।

# କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥାନ ନେଇ ଆଲୋଚନା

**କବିସୂର୍ଯ୍ୟନଗର,୨୪।୧୧(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରକୃତ ଜନ୍ମସ୍ଥାନ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ତେବେ ଆଠଗଡ଼ପାଟଣା ବୁଦ୍ଧିଜୀବୀ କବିଙ୍କ ପ୍ରକୃତ ଜନ୍ମସ୍ଥାନ ଆଠଗଡ଼ପାଟଣା ବୋଲି ପ୍ରଶାସନ ନିକଟରେ ପ୍ରାମାଣିକ ଯୁକ୍ତି ବାଢ଼ିଛନ୍ତି। ଶନିବାର ଏକ ମିଳିତ ଟିମ୍ ଆସି କବିସୂର୍ଯ୍ୟନଗର ଆଠଗଡ଼ପାଟଣାରେ ପହଞ୍ଚିଥିଲେ । ଟିମ୍‌ରେ କବିସୂର୍ଯ୍ୟନଗର ବିଡିଓ ସାଗରିକା ଷଡଙ୍ଗୀ ଓ ଦିଗପହଣ୍ଡି ବିଡିଓ ଚିତ୍ତରଞ୍ଜନ ଦାସ ଥିଲେ। ଆଠଗଡ଼ପାଟଣା ବୁଦ୍ଧିଜୀବୀ ବୃନ୍ଦାବନ ନାୟକ, ରବିନାରାୟଣ ଶତପଥୀ, ଆଦିତ୍ୟନାଥ ତ୍ରିପାଠୀ, ଗୋଦାବରୀ ସାଠୁଆ, ସୁବାସ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଚନ୍ଦ୍ରଶେଖର ସାମନ୍ତରା, ଧରିଣୀଧର ବେହେରା, ହୃଷୀକେଶ ପଣ୍ଡା ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ସହ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥାନ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଆଠଗଡପାଟଣା କବିଙ୍କ ପ୍ରକୃତ ଜନ୍ମସ୍ଥାନ ବୋଲି ଟିମ୍‌କୁ ଅବଗତ କରାଇଥିଲେ।

# ଶ୍ରୀସତ୍ୟସାଇଙ୍କ ଜନ୍ମ ମହୋତ୍ସବ ପାଳିତ

**ଦଶପଲ୍ଲା,୨୪।୧୧**
**(ପ୍ରକାଶ କୁମାର ପାଣି)**

ଶନିବାର ଦଶପଲ୍ଲା ଦୁର୍ଗାବଜାର କଲୋନୀ ପରିସରରେ ଥିବା ସତ୍ୟସାଇବାବାଙ୍କ ମନ୍ଦିରରେ ଭଗବାନ ସତ୍ୟସାଇ ବାବାଙ୍କ ୯୯ ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏଥି ନିମନ୍ତେ ପ୍ରଭାତରେ ନଗର କୀର୍ତ୍ତନ,ଦିବ୍ୟ ପ୍ରଶାନ୍ତି ପତକା ଉତ୍ତୋଳନ, ମଙ୍ଗଳ ବାଦ୍ୟ ଓ ଷୋଡ଼ଶ ଉପଚାର ପରେ ବାବାଙ୍କ ପାଲିଙ୍କି ଯାତ୍ରା ଆୟୋଜନ କରାଯାଇଥିଲା। ବାବାଙ୍କୁ ସୁସଜ୍ଜିତ ରଥରେ ବସାଇ ନଗର ପରିକ୍ରମା କରାଯାଇଥିଲା। ବହୁ ସାଇଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ବାଲ ବିକାଶ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏକ ଆଧ୍ୟାତ୍ମିକ ସଭାର ଆୟୋଜନ ହୋଇଥିଲା। ଦିନ ତମାମ ମନ୍ଦିର ପରିସରରେ ବିଭିନ୍ନ ଉତ୍ସବ ଲାଗି ରହିଥିଲା।

# ଅଧାପନ୍ତରିଆ ପ୍ରକଳ୍ପ ସାରିବା ନେଇ ଗୁରୁତ୍ୱ

## ଶେରଗଡ଼ ପଞ୍ଚାୟତ ସମିତି ବୈଠକ

**ଶେରଗଡ଼,୨୪।୧୧(ସୂର୍ଯ୍ୟ ନାରାୟଣ ଦାଶ)**

ଶେରଗଡ଼ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରତିନିଧି ଶିଶିର ମିଶ୍ର ଓ ବିଧାୟକ ପ୍ରତିନିଧି ଦିଗାମ୍ବର ନାୟକଙ୍କୁ ସ୍ୱାଗତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ସୁଧାସ୍ମିତା ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସହକାରୀ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପୂର୍ବ ସରକାର ସମୟର ଯାହା ପ୍ରକଳ୍ପ ଅଧାପନ୍ତରିଆ ରହିଛି ତାହା ଯେପରି ପୂର୍ଣ୍ଣାଙ୍ଗ ହେବ, ଯୋଜନାର ସୁଫଳ ଗ୍ରାମାଞ୍ଚଳ ଲୋକଙ୍କୁ ଅବଗତ କରାଇବା, ଚାଷୀଙ୍କୁ ମୁଗ ବିରି ବିହନ ତୁରନ୍ତ ଯୋଗାଇ ଦେବା, ଚାଷୀ ସହାୟତା ଯୋଜନା ସମ୍ପର୍କରେ ସଚେତନ କରିବା, ନନ୍ଦିନୀ ନଦୀରେ ପାହାଚ ନିର୍ମାଣ, ହରଭଙ୍ଗା ଜଳସେଚନ ପ୍ରକଳ୍ପ, ମଛାକୋଟ ଜଳସେଚନ ପ୍ରକଳ୍ପ, ଶିଶୁ ବିକାଶ ଯୋଜନା, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟରେ ଶିକ୍ଷକ ଅଭାବ, ପାନୀୟଜଳ, ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା।

# ଖ୍ରୀଷ୍ଟଙ୍କ ରାଜତ୍ୱ ପର୍ବ ପାଳିତ

**ସୋରଡ଼ା,୨୪।୧୧(ରଜନୀ ମହାପାତ୍ର)**

ସୋରଡ଼ା ରୋମାନ କ୍ୟାଥଲିକ ମିଶନ ତରଫରୁ ଖ୍ରୀଷ୍ଟଙ୍କ ରାଜତ୍ୱ ପର୍ବ ପାଳିତ ହୋଇଛି। ସୋରଡ଼ା ମିସନରେ ଦୁଇ ଦିନ ଧରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଖ୍ରୀଷ୍ଟ ସଂପ୍ରଦାୟମାନେ ୧୮୫୦ ମସିହା ବେଳକୁ ଆସିଥିବା ବେଳେ ଏହି ରାଜତ୍ୱ ପର୍ବ ୧୯୨୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ଚଳିତ ବର୍ଷ ଏହା ୧୦୦ ବର୍ଷ ପୂରଣ ହୋଇଛି। ଏଥିରେ ବିଧାୟକ ନୀଳମଣି ବିଶୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୋରଡ଼ା ମିସନ ସମ୍ପ୍ରଦାୟର ଧର୍ମ ଯାଜକ ସମେତ ଅବସରପ୍ରାପ୍ତ ଶିକ୍ଷକ ଜନ ମୋହନ ନାୟକ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ସମସ୍ତ ଖ୍ରୀଷ୍ଟ ଧର୍ମବିଲମ୍ବୀମାନେ ଶୋଭାଯାତ୍ରାରେ ବାହାରିଥିଲେ।

# ରାସ୍ତା କାମ ନାଁରେ ଖୋଳିଦେଲେ, ଲୋକେ ହୀନସ୍ତା

**ପାରଳାଖେମୁଣ୍ଡି,୨୪।୧୧(ଗିରିଧାରୀ ପରିଛା)**



ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ମହାଦେଇପୁର-ଗୁରାଣ୍ଡି ମୁଖ୍ୟରାସ୍ତା କାମ ଆଳରେ ଖୋଳି ଛାଡ଼ି ଦେଇଥିବାରୁ ଉକ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଅଞ୍ଚଳବାସୀଙ୍କ କହିବା ପ୍ରକାରେ ୧୦ଦିନ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାକାମ ନାମରେ ଖନନ କରାଯାଇଥିଲା । ପୁରୁଣା ରାସ୍ତାକୁ ସମ୍ପୂର୍ଣ୍ଣ ଖୋଳି ଦିଆଯାଇଛି। ପୁରୁଣା ପିଚୁ ଓ ମେଟାଲଗୁଡ଼ିକୁ ପୁଣି ରୋଲର ମଡ଼ାଯାଇଛି। ହେଲେ ଏଥିପାଇଁ ଉପୁଜୁଥିବା ସମସ୍ୟା ଲୋକଙ୍କ ପାଇଁ ଘାତକ ସାଜିଛି। ବିକ୍ଷିପ୍ତ ହୋଇପଡ଼ିଥିବା ମେଟାଲଗୁଡ଼ିକ କୌଣସି ଭାରିଯାନ ଯାତାୟାତ ବେଳେ ପଥଚାରୀ ଓ ବାଇକ୍ ଚାଳକଙ୍କ ଉପରେ ଛିଟିକି ପଡ଼ି ସେମାନେ ଆହତ ହେଉଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଘର ଭିତରକୁ ଧୂଳି ପଶୁଛି। ଫଳରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶୁଭଶ୍ରୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ରାସ୍ତା ପାଇଁ ୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ରାସ୍ତା ନିୟମ ଅନୁଯାୟୀ କରାଯାଉଛି। ରାସ୍ତାଟି ଯଦି ତରବରିଆ ଭାବେ କରାଯାଏ, ତାହା ହେଲେ ପୁଣି ନଷ୍ଟ ହୋଇଯିବ। ତେଣୁ ପ୍ରଥମେ ରାସ୍ତାଟିକୁ ଖୋଳାଯାଇ ପରେ ମେଟାଲ ଓ ଡଷ୍ଟ ଦେଇ ନିର୍ମାଣ କରାଯିବ। ଶୀଘ୍ର ରାସ୍ତାରେ ପାଣି ପକାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଯାଜପୁର ଏସ୍‌ଡିପିଓଙ୍କ ବଦଳି

ଯାଜପୁର ସଦର,୨୪।୧୧(ସମର ବିଜୟ ଶରଣ): ଯାଜପୁର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ(ଏସ୍‌ଡିପିଓ) ସତ୍ୟବ୍ରତ ଲେଙ୍କାଙ୍କୁ ବଦଳି କରାଯାଇଛି। ତାଙ୍କର କଟକ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି। ସେ ଚଳିତ ନିର୍ବାଚନ ସମୟରେ ଏଠାରେ ଯୋଗ ଦେଇଥିଲେ। ତାଙ୍କ ସ୍ଥାନରେ ଜିଲା ପୋଲିସ ମୁଖ୍ୟାଳୟର କୈଳାଶ ଚନ୍ଦ୍ର ସେଠୀ ଏସ୍‌ଡିପିଓ ଭାବେ ଯୋଗ ଦେଇଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଧର୍ମଶାଳା,୨୪।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ତରଞ୍ଜିଆ ଗ୍ରାମ୍ୟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଘଟଣାସ୍ଥଳରେ ଜଣକର ମୃତ୍ୟୁହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମର ନନ୍ଦ ଦେଉରୀଙ୍କ ପୁଅ ମନୋଜ ଦେଉରୀ (୨୪)। ଗୁରୁତର ଦ୍ୱୟ ସେହି ଗ୍ରାମର ସଂଗ୍ରାମ ଦେଉରୀ (୨୨) ଓ ବାଦଲ ବେହେରା(୨୩) ବୋଲି ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ ୩ ସାଙ୍ଗ ଓଡ଼ି-୦୪-କେ-୧୫୮୯ ବାଇକରେ କୌଣସି କାମରେ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ତରଞ୍ଜିଆଁ ଗ୍ରାମର ତାରିଣୀ ଛକ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଏକ ଦୋକାନରେ ପିଟି ହୋଇ ଯାଇଥିଲା। ଏନେଇ ଥାନାରେ ନଂ.୮୩୬/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ ଚଳାଇଛି।

### କେଟିଏଲ କମ୍ପାନୀର କାର୍ଯ୍ୟ ବନ୍ଦ ନୋଟିସ

କାଳିଆପାଣି,୨୪।୧୧(ଅସିତ ମହାନ୍ତ): ଯାଜପୁର ଜିଲା ସୁକିନ୍ଦା କ୍ରୋମ ଖଣି ଅଞ୍ଚଳର ଓଏମ୍‌ସି ଦକ୍ଷିଣ କାଳିଆପାଣି ଖଣିରେ କ୍ରୋମ୍ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ କେଟିଏଲ(କଣ୍ଟେଇ ଟ୍ରାନ୍ସପୋର୍ଟ ଲିମିଟେଡ) ନିଜର ସମସ୍ତ କାର୍ଯ୍ୟ ବନ୍ଦ କରିବାକୁ ନୋଟିସ ଜାରି କରିଛି। କେଟିଏଲ କମ୍ପାନୀ ୨୦୨୦ରେ ସୁକିନ୍ଦା ଖଣି ଅଞ୍ଚଳର ଓଏମ୍‌ସି ଦକ୍ଷିଣ କାଳିଆପାଣି ଖଣିରେ କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଖଣି କାର୍ଯ୍ୟ ୫ ବର୍ଷ କରିବା ପାଇଁ ନିର୍ଦ୍ଧାରିତ ହୋଇଥିବାବେଳେ ଅଧାରୁ କାର୍ଯ୍ୟ ବନ୍ଦ କରିବା ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣିରେ ୪୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କମ୍ପାନୀ ୧୨।୧୧।୨୦୨୪ରେ ଖଣି ନିଗମ ଆଞ୍ଚଳିକ ଖଣି ମୁଖ୍ୟ, ଶ୍ରମ ବିଭାଗ ଭୁବନେଶ୍ୱର, ଯୁଗ୍ମ ଶ୍ରମ ବିଭା ଅନୁଗୋଳ ଓ ଶ୍ରମିକ ସଂଘଙ୍କୁ ଲିଖିତ ଜଣାଇବା ସହ ୨୦୨୫ ଫେବୃଆରୀରୁ କାମ ବନ୍ଦ ରହିବ ବୋଲି ଦର୍ଶାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କେଟିଏଲ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

### ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

ଜେନାପୁର,୨୪।୧୧(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅଧୀନ ଜେନାପୁର ପଞ୍ଚାୟତ ବିଜେଡି ସଭାପତି ଦିଲୀପ କୁମାର ବରାଳ(୫୬)ଙ୍କ ପରଲୋକ ହୋଇଯାଇଛି।



ବରାଳ ଶନିବାର ଅପରାହ୍ନରେ ଦଳୀୟ କାର୍ଯ୍ୟରେ ଗାଁ ବୁଲି ଘରେ ପହଞ୍ଚିବା ପରେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଦୀର୍ଘଦିନ ଧରି ବିଜେଡିର ସକ୍ରିୟ କାର୍ଯ୍ୟକର୍ତ୍ତାଭାବେ କାମ କରୁଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦସଭ୍ୟ ପ୍ରଣତୀ ଲେଙ୍କା, ବ୍ଲକ୍ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବରାଳସାହି ବାସ ଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ଜିରୋ ଲିକ୍ୱିଡ୍ ଡିସ୍‌ଚାର୍ଜ ଉପରେ ଗୁରୁତ୍ୱାରୋପ

**ଯାଜପୁର ନୀଳାଚଳ ଇସ୍ପାତ ସମ୍ପ୍ରସାରଣ ପ୍ରସଙ୍ଗ**

ଯାଜପୁର,୨୪।୧୧(ହର୍ଷବର୍ଦ୍ଧନ ବେହେରା)




ଟାଟାଷ୍ଟିଲ ଦ୍ୱାରା ପରିଚାଳିତ କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଏହାର କ୍ଷମତାକୁ ବାର୍ଷିକ ୧ ନିୟୁତ ଟନରୁ ୯.୫ ନିୟୁତ ଟନକୁ ବୃଦ୍ଧି କରିବାକୁ ଯୋଜନା କରିଛି। ଉତ୍ପାଦନ ପ୍ରକ୍ରିୟାକୁ ଦୀର୍ଘସ୍ଥାୟୀ ଏବଂ ପରିବେଶ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ଏହି ସମ୍ପ୍ରସାରଣ ଯୋଜନାରେ ସାମିଲ କରାଯାଇଛି। ଯାଜପୁର ଜିଲାର ଡୁବୁରିଠାରେ ଥିବା ଏହି ଇସ୍ପାତ କାରଖାନାର ସମ୍ପ୍ରସାରଣ ଯୋଜନା ଇସ୍ପାତ ଶିଳ୍ପକ୍ଷେତ୍ରରେ ଜଳ ବ୍ୟବହାର ପାଇଁ ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ। ଟନ୍ ଅଫ୍ କ୍ରୁଡ୍ ଷ୍ଟିଲ (ଟିସିଏସ୍)ର ବର୍ତ୍ତମାନର ଜଳ ବ୍ୟବହାରକୁ ଆଧାର କରି, ସମ୍ପ୍ରସାରଣ ପରେ ଆନୁମାନିକ ବ୍ୟବହାର କ୍ୟୁବିକ ମିଟର ୨.୬୬ ମିଗ୍ରା/ଟିସିଏସ୍ ହେବ, ଯାହା କି ଶିଳ୍ପରେ ସର୍ବନିମ୍ନ ସ୍ତରକୁ ପ୍ରାୟ ୧.୮୪% ହ୍ରାସ ପାଇବ। ଏଥିରେ ଜିରୋ ଲିକ୍ୱିଡ୍ ଡିସ୍‌ଚାର୍ଜ (ଜେଡ୍‌ଏଲ୍‌ଡି) ଏବଂ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

ସୂଚନା ଅନୁଯାୟୀ ଉତ୍ପାଦନ କ୍ଷମତାରେ ପ୍ରାୟ ୧୦ ଗୁଣ ବୃଦ୍ଧି ହେତୁ ଜଳ ବ୍ୟବହାର ମଧ୍ୟ ତଦନୁସାରେ ବଢ଼ିବ। ସାମଗ୍ରିକ ଜଳ ବ୍ୟବହାର ଘଣ୍ଟାପ୍ରତି ୪୦୦ ରୁ ୪,୬୦୦ କ୍ୟୁବିକ ମିଟରକୁ ବୃଦ୍ଧିପାଇବ। ଉତ୍ପାଦନ ପ୍ରକ୍ରିୟାରେ ବାଷ୍ପୀକରଣ, ଲିକ୍ ଆଦି କାରଣରୁ ନଷ୍ଟ ହେଉଥିବା ପାଣିକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏଥିପାଇଁ ଉନ୍ନତ ଜଳ ସଂରକ୍ଷଣ ଜ୍ଞାନକୌଶଳ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏନ୍‌ଆଇଏନ୍‌ଏଲ୍‌ର ସମ୍ପ୍ରସାରିତ କ୍ଷମତା ପାଇଁ ନିକଟସ୍ଥ ଜଳଉତ୍ସରୁ ଜଳ ସଂଗ୍ରହ କରାଯିବ। ପରିବେଶ ପ୍ରଭାବକୁ ହ୍ରାସ କରିବା ପାଇଁ ବର୍ତ୍ତମାନର ଭିତ୍ତିଭୂମି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଗାଇଡ୍‌ଲାଇନ୍ ଅନୁଯାୟୀ ଅତିରିକ୍ତ ଜଳ ନିଷ୍କାସିତ ହେବ। ବର୍ଷା ଜଳର ବ୍ୟାପକ ବ୍ୟବହାର କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରକଳ୍ପ ଭୂତଳ ଜଳ ନିଷ୍କାସନ ଉପରେ ନିର୍ଭର କରିବ ନାହିଁ। ପ୍ଲାଣ୍ଟରେ ବ୍ୟବହୃତ ପାଣିକୁ ପୁନଃବ୍ୟବହାରଯୋଗ୍ୟ କରିବା ପାଇଁ ଉନ୍ନତ ଜ୍ଞାନକୌଶଳ ପ୍ରଯୁକ୍ତି ବିଦ୍ୟାରେ ପୁଞ୍ଜିନିବେଶ କରିବ। ମୂଲ୍ୟବାନ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ଏନ୍‌ଆଇଏନ୍‌ଏଲ୍ ସର୍ବଦା ଗୁରୁତ୍ୱ ଦେଇଆସୁଛି। ଏନ୍‌ଆଇଏନ୍‌ଏଲ୍ ଏହାର ପରିବେଶ ପ୍ରଭାବ ହ୍ରାସ କରିବା ଏବଂ ଉପଲବ୍ଧ ସମ୍ବଳର ଠିକ୍ ବ୍ୟବହାର କରିବା ପାଇଁ ଗୁରୁତ୍ୱାରୋପ କରୁଛି। ଏହିସବୁ ପଦକ୍ଷେପ ୨୦୪୫ ସୁଦ୍ଧା ଟାଟା ଷ୍ଟିଲର ନେଟ୍ ଜିରୋ ଲକ୍ଷ୍ୟ ପୂରଣ କରିବାରେ ସହଯୋଗ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି।

## ଶିଶୁ ପତ୍ରିକା 'ଶୁଭ ସକାଳ'ର ବାର୍ଷିକ ଉତ୍ସବ

ଧର୍ମଶାଳା,୨୪।୧୧(ବଟକୃଷ୍ଣ ପରିଡ଼ା)




ଶୁଭ ସକାଳ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରବିବାର ଶିଶୁ ପତ୍ରିକା 'ଶୁଭ ସକାଳ'ର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାହିତ୍ୟିକମାନେ ଏକତ୍ରୀତ ହୋଇ ସାହିତ୍ୟର ବିକାଶ କଲେ ତାହା ରାଜ୍ୟ ପ୍ରସାରୀ ହୋଇପାରିବ ବୋଲି କହିଥିଲେ। ଉପସଭାପତି ମିନତି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଡା. ମଞ୍ଜୁବାଳା ପଣ୍ଡା ଯୋଗଦେଇଥିଲେ। ଶିଶୁ ପତ୍ରିକା 'ଶୁଭ ସକାଳ'କୁ ଅତିଥି ଉନ୍ମୋଚିତ କରିଥିଲେ। ସେହିପରି ଶିଶୁ କବି ରତ୍ନାକର ନାୟକଙ୍କ 'କଟର କଟର କେଁ' ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ 'ଧନ ପାଇଁ ନାନା ବାୟା ଗୀତ' ଅଧ୍ୟାପକ ସୁନାକର ଦାସଙ୍କ 'ଗପ ପଢ଼ିବା ମଣିଷ ହେବା', ଗାଳ୍ପିକ ପ୍ରହ୍ଲାଦ ପଣ୍ଡାଙ୍କ 'ବିବେକର ଜୟ' ଓ ଗାଳ୍ପିକ ବ୍ରଜବନ୍ଧୁ ଶତପଥୀଙ୍କ 'ଆମ ପୁରାଣ' ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। କବି ପଦ୍ମଜା ଶରଣ ଓ କବି ପ୍ରେମଲତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇନରହୁଇଲ୍ କ୍ଲବ ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ସାହିତ୍ୟିକ ବଳଭଦ୍ର ଦାଶ, କାଦମ୍ବିନୀ ମିଶ୍ର, ପ୍ରତିଭା ମଞ୍ଜରୀ ଦାଶ, ସବିତା ମିଶ୍ର, ନିରୁପମା ସ୍ୱାଇଁ, ଗଣେଶ୍ୱର ବେହେରା, ରୁଦ୍ରପ୍ରତାପ ପଣ୍ଡା, ଡ. ସୁନାକର ସାହୁ ଓ ହୃଷୀକେଶ ସାମଲ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡ. ଯୁଗଳ କିଶୋର ଷଡ଼ଙ୍ଗୀ, ଡ. ମଞ୍ଜୁବାଳା ପଣ୍ଡା, କବି ବିପିନ କୁମାର ରାୟ, ଡ. ରବିନାରାୟଣ ସାହୁ, କବି ପ୍ରଭାତି ରାଉତ ଓ କବି ରବି ଶତପଥୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ.ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ର ଶିବାଂଶ ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଶ୍ରମିକ ସମବାୟ ସମିତିର ବୈଠକ

ବିଞ୍ଝାରପୁର,୨୪।୧୧(ରାମକୃଷ୍ଣ ଦାସ): ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିଃ ପକ୍ଷରୁ ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତ କରୁଣେଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସଭ୍ୟମାନଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ; ରାଶନ, ଔଷଧ, ସାର, ବସ୍ତ୍ର, ବିହନ ଏବଂ ଆସବାବପତ୍ର କ୍ରୟ ଉପରେ ୧୫% ରୁ ୬୦% ପର୍ଯ୍ୟନ୍ତ ମାର୍ଟ ମାଧ୍ୟମରେ ରିହାତି ମୂଲ୍ୟରେ ଯୋଗାଇ ଦିଆଯିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ସମବାୟ ସମିତି ବିଞ୍ଝାରପୁର ଶାଖାର ପରିଚାଳକ ଏମ୍‌ଡି ଇମ୍ରଜ ଆଲମ, ଉପଶାଖା ପରିଚାଳକ ବାସୁଦେବ ମଲ୍ଲିକ, ବିପିନ କୁମାର ମଲ୍ଲିକ ଓ ଗୁହାଳି ପିଇଓ ଅଶୋକ କୁମାର ମଲ୍ଲିକ ଉପସ୍ଥିତ ରହି ଜନସାଧାରଣଙ୍କୁ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିଃର ଆଭିମୁଖ୍ୟ ଉପରେ ବୁଝାଇ କହିଥିଲେ।

## ଆଇନଜୀବୀଙ୍କ ପରଲୋକ

ବରୀ,୨୪।୧୧(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅଞ୍ଚଳର ଜଣାଶୁଣା ଆଇନଜୀବୀ ଭବାନୀ ପଣ୍ଡାଙ୍କ ରବିବାର ପରଲୋକ ହୋଇଯାଇଛି। ସେ ସ୍ଥାନୀୟ ବାଲିଆପାଳସ୍ଥିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଘରେ ପହଞ୍ଚିବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ପ୍ରକାଶିତ ହେବା ପରେ ବରୀ ଓକିଲ ସଂଘ ସଭାପତି ରାଜକିଶୋର ସାମଲ, ଧୀରେନ୍ଦ୍ର ସ୍ୱାଇଁ, ହରିଶ ଧଳ, ତପନ ଜେନା, ଅଭୟ ବେଉରିଆ ଓ ବାଞ୍ଛାନିଧି ସାହୁଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଶୋକ ପ୍ରକାଶ କରିଛନ୍ତି।

## ଡିସେମ୍ବର ୧୦ରୁ ବରୀ ଲୋକ ମହୋତ୍ସବ

**ବରୀ, ୨୪।୧୧** (ମହେନ୍ଦ୍ର ସ୍ୱାଇଁ): ବରୀ କଳା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ବରୀ ଲୋକ ମହୋତ୍ସବ-୨୦୨୪ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସନ୍ତନ ମହାବିଦ୍ୟାଳୟ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବ ଡିସେମ୍ବର ୧୦ରୁ ୧୫ତାରିଖ ପର୍ଯ୍ୟନ୍ତ ବାଲିଆପାଳ ବିଧାନଚନ୍ଦ୍ର ଏକାଡେମୀ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଅନୁଷ୍ଠାନ ସଭାପତି ଡା. ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ବହୁ କବି, ଲେଖକ, ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନ କର୍ମକର୍ତ୍ତା ଯୋଗଦେଇ ମହୋତ୍ସବର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ମହୋତ୍ସବରେ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ସାଂସ୍କୃତିକ, ସାମାଜିକ ଓ ସାହିତ୍ୟ ଅନୁଷ୍ଠାନକୁ ସମ୍ପୃକ୍ତ କରିବାକୁ ସ୍ଥିର କରାଯାଇଛି। ଏଥିସହିତ ପୁସ୍ତକ ମେଳା, ପଲ୍ଲିଶ୍ରୀ ମେଳା ଓ ମିନାବଜାର ସହିତ ପ୍ରତ୍ୟେକ ଦିନ ସାହିତ୍ୟ ସଭା, ସଂସ୍କୃତିକ କାର୍ଯ୍ୟକ୍ରମ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୨ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତ୍ୟେକ ସନ୍ଧ୍ୟାକୁ ଆକର୍ଷଣୀୟ କରିବା ପାଇଁ ଲୋକ ନୃତ୍ୟ, ଲୋକ ସଂଗୀତ, ଲୋକ କଳା ସାଙ୍ଗକୁ ବିଭିନ୍ନ ନାଟକ ପରିବେଷଣ କରିବାକୁ ଓଡ଼ିଶାର ବିଭିନ୍ନ ଜିଲାରୁ କଳାକାରଙ୍କୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗଗନ ଜେନା, ଗୋପବନ୍ଧୁ ଦାସ, ମକର ଘଡ଼ାଇ, ଶରତ ଜେନା, ସୋମନାଥ ଦ୍ୱିବେଦୀ, ପ୍ରଫୁଲ୍ଲ ଦାଶ, ଲକ୍ଷ୍ମଣ କର, ଜଟାଧାରୀ ଦାସ, ସଞ୍ଜୟ ବେହେରା, ଦର୍ଶନୀ ବେହେରା, ଅଭିଷେକ ସ୍ୱାଇଁ, ବୁବୁନୁ କୁମାର ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଅନୁଷ୍ଠାନ ସମ୍ପାଦକ ସତ୍ୟରଞ୍ଜନ କର ମହୋତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ। ସନ୍ତନ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ପୁଷ୍ପଗିରି ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଥିଲା: ମନ୍ତ୍ରୀ

**ଉଦୟଗିରି ବୁଦ୍ଧ ମହୋତ୍ସବ ଉଦ୍‌ଘାଟିତ**

ଚଣ୍ଡିଖୋଲ,୨୪।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)



ଉଦୟଗିରି ବୁଦ୍ଧ ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

ଓଡ଼ିଶାରେ ବୁଦ୍ଧଙ୍କ ବାଣୀ ବିଶ୍ୱକୁ ନିନାଦିତ କରିଛି। ବୁଦ୍ଧଙ୍କ ପରମ ଶିଷ୍ୟ ପଦ୍ମ ସମ୍ଭବ ଓଡ଼ିଶାର ଝାରସୁଗୁଡ଼ା ଜିଲାରେ ଜନ୍ମଗ୍ରହଣ କରି ଉଦୟଗିରିରେ ମହାନିର୍ବାଣ ପ୍ରାପ୍ତି କରିଥିଲେ। ସେହିପରି ପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଭାରତର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଏହା ନାଳନ୍ଦା ବିଶ୍ୱବିଦ୍ୟାଳୟଠାରୁ ବହୁ ପୁରୁଣା। ଖ୍ରୀପୂ ପ୍ରଥମ କିମ୍ବା ଦ୍ୱିତୀୟ ଶତାବ୍ଦୀ ସମୟରେ ନିର୍ମାଣ ହୋଇଥିଲା। ବିଦ୍ୟାର୍ଥୀ ନାଳନ୍ଦାରୁ ପାଠପଢ଼ା ସରିବା ପରେ ଉଚ୍ଚ ଶିକ୍ଷା ପାଇଁ ପୁଷ୍ପଗିରି ବିଶ୍ୱବିଦ୍ୟାଳୟକୁ ଆସୁଥିଲେ। ଏକଥା ଚୀନ ପରିବ୍ରାଜକ ହୁଏନସାଂ ଲେଖି ଯାଇଛନ୍ତି ବୋଲି ରବିବାର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ପଞ୍ଚଦଶ ଉଦୟଗିରି ବୁଦ୍ଧ ମହୋତ୍ସବକୁ ଉଦ୍‌ଘାଟନ କରି ଉଚ୍ଚ ଶିକ୍ଷା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ମତବ୍ୟକ୍ତ କରିଛନ୍ତି। ବିଶ୍ୱ ଐତିହ୍ୟ ସପ୍ତାହ ଅବସରରେ ଉତ୍ସବ କମିଟି ସଭାନେତ୍ରୀ ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଥିଲେ, ଯାଜପୁର ଜିଲାରେ ଖଣି, ପାଣି, ଐତିହ୍ୟ ଓ ସଂସ୍କୃତି ପରିପୂର୍ଣ୍ଣ ହୋଇରହିଛି। ସେହିଭଳି ନଗଡ଼ାର ବିକଳ ଚିତ୍ର ମଧ୍ୟ ରହିଛି। ଆଗାମୀ ଦିନରେ ସେ ଉଦୟଗିରି ସମ୍ପର୍କରେ ପାର୍ଲିଆମେଣ୍ଟରେ ପ୍ରସଙ୍ଗ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୌଦ୍ଧ କୀର୍ତ୍ତିରାଜି ପୂର୍ଣ୍ଣ ଥିବା ସ୍ଥାନଗୁଡ଼ିକୁ ବୁଦ୍ଧ ହେରିଟେଜ ଟ୍ରେନ ଚଳାଚଳ ପାଇଁ ରେଳ ମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ବୌଦ୍ଧ ହୀରକ ତ୍ରିଭୁଜ ଆମ ଓଡ଼ିଶାର ଗର୍ବ। ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାକୁ ଉଦ୍ୟମ କରାଯିବ। ତତ୍‌ସହିତ ସମସ୍ତ କୀର୍ତ୍ତିରାଜି ପୂର୍ଣ୍ଣ ଐତିହ୍ୟ ସ୍ଥଳୀର କାୟା କଳ୍ପ ବଦଳିଯିବ। ଜାନୁୟାରୀ ୨ୟ ସପ୍ତାହରେ ପ୍ରାୟ ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ ସନ୍ନ୍ୟାସୀ ଓ ଭିକ୍ଷୁ ହୀରକ ତ୍ରିଭୁଜ ପରିଭ୍ରମଣରେ ଆସିବେ। ବିଭିନ୍ନ ଦେଶରୁ ଆସିବାକୁ ଥିବା ଏହି ବୌଦ୍ଧ ଧର୍ମାବଲମ୍ବୀମାନେ ଏଠାରେ ୧୦ ଦିନ ରହିବେ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଭେନ୍ଦୁ ଭୂୟାଁ ସଞ୍ଚାଳନ କରିଥିବାବେଳେ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ। ଛାତ୍ରୀ ସାଇ ଦିବ୍ୟାଂଶୀ ସାମଲ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମିତିର ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାମଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ବଣ୍ଟି



@ କିରଣବାଳା



@ ପ୍ରଭଞ୍ଜନ



@ ରାଜା



@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୩ ମାମଲାର ତଦନ୍ତ ଦାୟିତ୍ୱ ନେଲା କ୍ରାଇମବ୍ରାଞ୍ଚ

**ଯାଜପୁର ଜିଲା**

କଟକ,୨୪।୧୧ (କାର୍ତ୍ତିକ ସାହୁ)

ଯାଜପୁର ଜିଲାର ସଦ୍ୟ ଚର୍ଚ୍ଚିତ ୩ଟି ମାମଲାର ତଦନ୍ତ ଦାୟିତ୍ୱ ରବିବାର କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ଉକ୍ତ ମାମଲାଗୁଡ଼ିକର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି।

ସୂଚନାନୁସାରେ, ଯାଜପୁର ଟାଉନ ଥାନା କେସ୍ ନଂ. (୪୬୯/୨୪), ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫(୨), ୧୩୨, ୧୮୯(୨), ୧୯୦, ୨୯୬, ୩୫୧(୨) ଆର୍/ଡବ୍ଲ୍ୟୁ ସେକ୍ସନ-୭ ସିଆର୍‌ଏଲଏ ଆକ୍ଟ ୨୦୧୩କୁ କ୍ରାଇମବ୍ରାଞ୍ଚର ମାମଲା ନମ୍ବର ୧୫/୨୪ରେ ରୁଜୁ କରାଯାଇଛି। ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ବିଜିତ କୁମାର ବେହେରାଙ୍କୁ ଦିଆଯାଇଛି। ଏ ମାମଲା ସମ୍ପର୍କିତ ରୁଜୁ ହୋଇଥିବା ଅନ୍ୟ ମାମଲାଗୁଡ଼ିକର ତଦନ୍ତ ମଧ୍ୟ ଇନ୍ସପେକ୍ଟର ବେହେରା କରିବେ ବୋଲି କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ସେହିପରି ଯାଜପୁର ଟାଉନ୍ ଥାନାର ଅନ୍ୟ ଏକ କେସ୍ (ନଂ. ୪୭୦/୨୪) ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫(୨), ୧୨୬(୨), ୧୩୨, ୧୮୦(୨), ୧୯୦, ୨୯୬, ୩୨୪(୪), ୩୫୧(୨), ଆର୍/ଡବ୍ଲ୍ୟୁ ସେକ୍ସନ-୭ ସିଆର୍‌ଏଲଏ ଆକ୍ଟ ୨୦୧୩କୁ କ୍ରାଇମବ୍ରାଞ୍ଚର ମାମଲା ନମ୍ବର ୧୬/୨୪ରେ ରୁଜୁ କରାଯାଇଛି। ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ଡିଏସ୍‌ପି ମମତା ଜେନାଙ୍କୁ ଦିଆଯାଇଛି। ଏ ମାମଲା ସମ୍ପର୍କିତ ରୁଜୁ ହୋଇଥିବା ଅନ୍ୟ ମାମଲାଗୁଡ଼ିକର ତଦନ୍ତ ମଧ୍ୟ ସେ କରିବେ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ଯାଜପୁର ସଦର ଥାନା କେସ୍ (ନଂ ୩୩୦/୨୪) ଭାରତୀୟ ନ୍ୟାୟ ସଂହିତାର ଦଫା ୧୮୯(୨), ୧୯୧(୧), ୧୨୬(୨), ୨୯୬, ୧୧୫(୨), ୧୦୯, ୩୨୪(୫), ୩୫୧(୩), ୧୩୨, ୧୨୧(୧), ୨୨୧, ୩୦୩(୨)ଆର୍/ଡବ୍ଲ୍ୟୁ ସେକ୍ସନ-୭ ସିଆର୍‌ଏଲଏ ଆକ୍ଟ ୨୦୧୩କୁ କ୍ରାଇମବ୍ରାଞ୍ଚର ମାମଲା ନମ୍ବର ୧୪/୨୪ରେ ରୁଜୁ କରାଯାଇଛି। ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କୁ ଦିଆଯାଇଛି। ଏ ମାମଲା ସମ୍ପର୍କିତ ରୁଜୁ ହୋଇଥିବା ଅନ୍ୟ ମାମଲାଗୁଡ଼ିକର ତଦନ୍ତ ମଧ୍ୟ ସେ କରିବେ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

# ବନ୍ଦ ମୟୂରଝାଳିଆ ଖଣିରୁ ୨ ପାୱାରଟିଲର ଜବତ

■ ପୋଲିସର ଚଢ଼ାଉ, ଖଣି ବିଭାଗ ଚୁପ୍
■ ଏନ୍‌ଜିଟ୍ ନିର୍ଦ୍ଦେଶ ପରେ ୯ଜଣ ନିଲମ୍ବିତ ହୋଇଥିଲେ

ନୟାଗଡ଼/ରଣପୁର,୨୪।୧୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)


ଖଣିରୁ ଜବତ ପାୱାରଟିଲରକୁ ପୋଲିସ ଜଗି ରହିଛି ।

ନୟାଗଡ଼ ଜିଲା ରଣପୁର ତହସିଲ ଅଧୀନ ମୟୂରଝାଳିଆରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଛାଟରେ ବନ୍ଦ ଥିବା ଖଣିରେ ଖନନ ଏବେ ବି ଚାଲୁ ରହିଛି। ରବିବାର ସେଠାରୁ ୨ପାୱାରଟିଲର ଜବତ ହେବା ପରେ ଖଣି ଚାଲୁ ରହିଥିବା ସ୍ପଷ୍ଟ ହୋଇଛି। ସେହି ଖଣିରୁ ମାଙ୍କଡାପଥର କଟା ଯାଉଥିବାବେଳେ ଚାନ୍ଦପୁର ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପାୱାରଟିଲର ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୧୩/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଖଣି ବିଭାଗର କାର୍ଯ୍ୟ ପୋଲିସ କରୁଛି। ହେଲେ ଖଣି ବିଭାଗ ଚୁପ୍ ବସିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ମୟୂରଝାଳିଆରେ ୨ଟି ଖଣି ଲିଜ୍ ଦିଆଯାଇଥିଲା। ଲିଜ୍‌ଧାରି ଖଣି ଅଞ୍ଚଳ ଛାଡି ଖଣି ନିକଟସ୍ଥ ପ୍ଲଟ୍‌ରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ। ଏ ବାବଦରେ ଏନ୍‌ଜିଟି କୋଲକାତାଙ୍କ ନିକଟରେ ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ, ଓସ୍ତପଡାର ଦିପକ କୁମାର ରାଉତରାୟ ଅଭିଯୋଗ(ନଂ.ଓଏ ୮୩/୨୦୨୨) କରିଥିଲେ। ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲାପାଳ, ରାଜ୍ୟ ସରକାରଙ୍କ ଖଣି ବିଭାଗର ଅଧିକାରୀ, ବୈଜ୍ଞାନିକ ପ୍ରମୁଖ ଏହାର ଯାଞ୍ଚ କରିଥିଲେ। ଅନୁମତି ଠାରୁ ଅଧିକ ଖଣି ଉତ୍ତୋଳନ କରାଯାଇଥିବାରୁ ୨ ଖଣି ମାଲିକଙ୍କୁ ୨୦୨୩ରେ ଜରିମାନା ଦେବାକୁ ପଡିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୩ ତହସିଲଦାର, ୬ଜଣ ରାଜସ୍ୱ କର୍ମଚାରୀ ସମେତ ୯ ଜଣ ନିଲମ୍ବିତ ହୋଇଥିଲେ। କିଛି ଦିନ ଖଣି ବନ୍ଦ ପରେ ପୁଣି ସେହି ଅଞ୍ଚଳରେ ବେଆଇନ ଖଣି ଖନନ ଚାଲୁ ରହିଛି। ଖଣିର ଜଣେ ଶ୍ରମିକଙ୍କ ସୂଚନା ଅନୁଯାୟୀ, ଖଣି ବିଭାଗରେ ଧରାଧରି କରି ଖଣି ଖନନ କିଛି ଦିନ ଆରମ୍ଭ ହୋଇଛି। ତେବେ ପୋଲିସର ଚଢ଼ାଉ ଅସୁବିଧା ସୃଷ୍ଟି କରିଛି। ଆଗକୁ ପୁଣି ସହଜ ଭାବେ ଖଣି ଚାଲିବ ବୋଲି ସେ କହିଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ରାସ୍ତା ନାହିଁ


ଉମାଦେବୀ ସାହିରେ ଥିବା ଅଙ୍ଗନୱାଡି କେନ୍ଦ୍ର ।

ଖଣ୍ଡପଡ଼ା,୨୪।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ୧୩ନଂ ୱାର୍ଡ ଉମାଦେବୀ ସାହିରେ ଚାଲିଥିବା ଅଙ୍ଗନୱାର୍ଡିକେନ୍ଦ୍ରଟି ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନୱାର୍ଡି କେନ୍ଦ୍ର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଥିବାରୁ ସଦା ସର୍ବଦା ସରୀସୃପଙ୍କ ଭୟ ଲାଗି ରହିଛି। ସ୍ଥାନୀୟ ଠଁଳାସାହି, ଉମାଦେବୀ ସାହି ଓ ନିକଟସ୍ଥ ନୂଆ ସାହସପୁର ଗ୍ରାମର ୨୫ ଜଣ ପିଲା ଉକ୍ତ କେନ୍ଦ୍ରରେ ପାଠ ପଢୁଛନ୍ତି। ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଠାରୁ ଅଙ୍ଗନୱାର୍ଡି କେନ୍ଦ୍ରକୁ ସଂଯୋଗ କରୁଥିବା ମାଟି ରାସ୍ତା ଦେଇ ପିଲାମାନେ ପାଠ ପଢିବାକୁ ଯାଉଛନ୍ତି। ଅଙ୍ଗନୱାର୍ଡି କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାର ସିମେଣ୍ଟ କଂକ୍ରିଟକରଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ଅଙ୍ଗନୱାର୍ଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗୀକରଣ ହୋଇ ନ ଥିବାରୁ ବିଶେଷ କରି ଖରାଦିନେ ପିଲାମାନେ ପାଠ ପଢିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଙ୍ଗନୱାର୍ଡି କେନ୍ଦ୍ର ସମ୍ମୁଖସ୍ଥ ସରକାରୀ ଜାଗା ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବାରୁ ସେଠାରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅବ୍ୟବସ୍ଥା ମଧରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର ପ୍ରତି ଖଣ୍ଡପଡ଼ା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ବ୍ଲକ ଉନ୍ନୟନ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଉମାଦେବୀଙ୍କ ମନ୍ଦିରରେ ଆବର୍ଜନାକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୨୪।୧୧ (ଅଜୟ କୁମାର ମହାରଣା)


ମନ୍ଦିର ପଛରେ ଗଦା ହୋଇଥିବା ଅଳିଆ ।

ସଚେତନତା ଅଭାବରୁ ଖଣ୍ଡପଡ଼ା ମା'ଉମାଦେବୀ ମନ୍ଦିର ପରିସରରେ ଆବର୍ଜନା ଗଦା ହୋଇ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ଅଇଁଠା ଖଲି, ଠୁଙ୍ଗା, ପ୍ଲାଷ୍ଟିକ୍ ଗ୍ଲାସ୍ ଓ ପଲିଥିନ ପଡି ରହିଛି। ଏବେ ଉମାଦେବୀଙ୍କ ମନ୍ଦିରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ମାତ୍ର ମନ୍ଦିର ପରିସରରୁ ଅଳିଆ ଆବର୍ଜନା ଉଠାଇବା ନିମନ୍ତେ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ସହରାଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ପ୍ରତିମାସରେ ଅର୍ଥ ପ୍ରଦାନ କରୁଛନ୍ତି। ହେଲେ ଆବର୍ଜନା ସଫା କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏନ୍‌ଏସି କର୍ତ୍ତୃପକ୍ଷ ପରିମଳ ବ୍ୟବସ୍ଥାରେ ଉନ୍ନତିକରଣ ପାଇଁ ଏକ ଘରୋଇ ସଂସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମାତ୍ର ସେହି ସଂସ୍ଥାର କର୍ମଚାରୀମାନେ ମନ୍ଦିର ପ୍ରତି ଧ୍ୟାନ ଦେଉ ନ ଥିବାରୁ ଦୈନିକ ମନ୍ଦିରକୁ ଆସୁଥିବା ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଉଦ୍‌ଘାଟିତ

## ସେମି ଫାଇନାଲକୁ ଉନ୍ନୀତ ହେଲେ ୨୪ ଯୁବ କଣ୍ଠଶିଳ୍ପୀ

ନୟାଗଡ଼,୨୪।୧୧ (ଲୋକନାଥ ମିଶ୍ର)


ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରବିବାର ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଯୋଗୀ ତଥା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଅବିନାଶ ସାହୁ। ନୟାଗଡ଼ କ୍ଲବର ସଭାପତି ଅଶୋକ କୁମାର ନାୟକ, ସଦସ୍ୟ ଅରୁଣ କୁମାର ମହାନ୍ତି , ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀ ନାରାୟଣ ରଥ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଜିଲାସ୍ତରୀୟ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ନୟାଗଡ଼ର ବିଭିନ୍ନ ବ୍ଲକରୁ ୧୨ ରୁ ୨୩ ବର୍ଷ ମଧ୍ୟରେ ୮୦ ଜଣ କଣ୍ଠଶିଳ୍ପୀ ଯୋଗଦେଇଥିଲେ। ପ୍ରତିଯୋଗୀମାନେ କ୍ଲାସିକାଲ, ସେମିକ୍ଲାସିକାଲ, ଲୋକଗୀତ, ଭଜନ, ଜଣାଣ, ସୁଗମ ସଙ୍ଗୀତ ଆଦି ଗାନ କରିଥିଲେ। ବିଚାରକ ଭାବେ ଶ୍ରୀନିବାସ ସାମନ୍ତରାୟ, ଦେବାଶିଷ ଦାଶ ଓ ସସ୍ମିତା ପଟ୍ଟନାୟକଙ୍କ ଯୋଗଦେଇ ୨୪ ଜଣ ଯୁବ କଣ୍ଠଶିଳ୍ପୀଙ୍କୁ ସେମିଫାଇନାଲ ପର୍ଯ୍ୟାୟକୁ ଚୟନ କରିଥିଲେ। ପରବର୍ତ୍ତୀ ସମୟରେ ସେମିଫାଇନାଲରୁ ଶ୍ରେଷ୍ଠ ୧୦ଜଣଙ୍କୁ ଫାଇନାଲକୁ ଚୟନ କରାଯିବା ସହ ଶ୍ରେଷ୍ଠ ଯୁବ କଣ୍ଠଶିଳ୍ପୀଙ୍କୁ ଭଏସ୍ ଅଫ୍ ନୟାଗଡ଼ ଭାବେ ସମ୍ମାନିତ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଜଳିଗଲା ଆସବାବପତ୍ର, ଧାନ ମୁଗ

ଓଡ଼ଗାଁ,୨୪।୧୧ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ତହସିଲ ଅନ୍ତର୍ଗତ କୁରାଳ ପାଇକରାୟ ସାହି ସନ୍ତୋଷ ଡାକୁଆଙ୍କ ଗୋଦାମ ଘରେ ଅଗ୍ନିକାଣ୍ଡ ଘଟି ବିଭିନ୍ନ ସାମଗ୍ରୀ ଜଳି ଯାଇଛି। ଶନିବାର ଦ୍ୱିପ୍ରହର ବେଳେ ସନ୍ତୋଷଙ୍କ ସାରୁବନ୍ଧ ନିକଟ ଗୋଦାମ ଘରେ ଶର୍ଟସର୍କିଟରୁ ନିଆଁ ଲାଗିଯିବାରୁ ଘରେ ଥିବା ୩ ବସ୍ତା ଧାନ, ୪ ବସ୍ତା ମୁଗ, ସୋଫାସେଟ ଓ ୭ଟି ନୂଆ କବାଟ,୫ ପ୍ଲାଷ୍ଟିକ ଚେୟାର ସହିତ ଅନେକ ଆସବାବପତ୍ର ଜଳି ଛାରଖାର ହୋଇଯାଇଛି। ଖବରପାଇ ଓଡ଼ଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହୋଇଛି।

# ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ପରାମର୍ଶ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କାର୍ଯ୍ୟକର୍ତ୍ତା ।

ଓଡ଼ଗାଁ,୨୪।୧୧ (ଆଦର୍ଶ କୁମାର ପଟ୍ଟନାୟକ)

## ଭାଜପା କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ ଭଗବତୀ ପ୍ରସାଦ ସନ୍ଧି ପଥର ଅଧକପାଳି ଠାକୁରାଣୀଙ୍କ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କନ୍ଧମାଳ ସଂସଦୀୟ କ୍ଷେତ୍ର ପ୍ରଭାରୀ ବସନ୍ତ ପଟ୍ଟନାୟକ, ନୟାଗଡ଼ର ବରିଷ୍ଠ ଭାଜପା ନେତା ସନ୍ତୋଷ ପ୍ରଧାନ, ଜିଲା କୃଷକମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ଭଜପା ଜିଲା ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡା, ଜିଲା କୋଷାଧ୍ୟକ୍ଷ ବଲେଶ୍ୱର ପାତ୍ର, ପୂର୍ବତନ ମଣ୍ଡଳ ସଭାପତି ଅଚ୍ୟୁତ ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ଯୁବନେତା ସୁଶାନ୍ତ କୁମାର ସାହୁ, ଉମା ନାୟକ ପ୍ରମୁଖ ନେତୃମଣ୍ଡଳୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରୋହିବାଙ୍କ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ୨ ଶହରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ଉପସ୍ଥିତିରେ ମହାରାଷ୍ଟ୍ରରେ ଭାଜପାର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଭ୍ୟନ୍ତରୀଣ କଳହଠାରୁ ଦୁରେଇ ଜନସାଧାରଣଙ୍କ ସେବା କରିବାକୁ ବରିଷ୍ଠ ନେତାମାନେ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଭିକାରୀ ନାୟକ, ଜଗନ୍ନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଖଣ୍ଡପଡ଼ା,୨୪।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍‌ର ସିଧାମୂଳା ପଞ୍ଚାୟତ ଅଧୀନ ବଳରାମପ୍ରସାଦ ଗ୍ରାମର ପ୍ରସନ୍ନ କୁମାର ଲେଙ୍କା(୪୩)ଙ୍କର ଶନିବାର ରାତିରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପ୍ରସନ୍ନ ବାଇକ୍ ଚଳାଇ ଗ୍ରାମକୁ ଫେରୁଥିବା ବେଳେ କଣ୍ଟିଲୋ- ଗଣିଆ ରାଜ୍ୟ ରାଜପଥର ନାଗଝର ଗ୍ରାମ ନିକଟ ବ୍ରାହ୍ମଣୀଦେବୀ ମନ୍ଦିର ନିକଟ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ପ୍ରସନ୍ନ ରାସ୍ତା ଉପରେ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଦେଶୀମଦ ଜବତ, ଜଣେ ଗିରଫ

ଖଣ୍ଡପଡା,୨୪।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ ଥାନା ପକ୍ଷରୁ ଫତେଗଡ ଥାନା ଅଧୀନ ରାକମା ଗ୍ରାମରେ ଶନିବାର ଚଢାଉ କରାଯାଇଥିଲା। ଚଢାଉ ସମୟରେ ରାକମା ଗ୍ରାମର ମେଳଛ ପରିଡ଼ାଙ୍କଠାରୁ କର୍ମଚାରୀମାନେ ୨୫ ଲିଟର ଦେଶୀମଦ ଜବତ କରିଛନ୍ତି। ଏହି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ମାଳିସାହି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଦିବ୍ୟଜ୍ୟୋତି କ୍ଲବ୍ ଚାମ୍ପିୟନ

ନୂଆଗାଁ,୨୪।୧୧(ଧନେଶ୍ୱର ସାହୁ)


ଅତିଥିମାନେ ଦିବ୍ୟଜ୍ୟୋତି କ୍ଲବ୍‌ର ଖେଳାଳୀମାନଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ଭଞ୍ଜ ଆଥଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ୧୭ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆଠଗଡ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ଚମ୍ପିୟାନ ହୋଇଛି। ୭ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭଞ୍ଜନଗର ଫୁଟବଲ କ୍ଲବ, କେରଙ୍ଗ ଅହମ୍ମଦିଆ କ୍ଲବ, ଅନୁଗୋଳ ପତାକା କ୍ଲବ, ରଣପୁର ସ୍ପୋର୍ଟସ ଆଥ୍‌ଲେଟିକ, ଘାଟିକିଆ ବଜରଙ୍ଗବାଲି କ୍ଲବ, ବାଙ୍କି ସ୍ପୋର୍ଟ କ୍ଲବ, ଫୁଲବାଣୀ ଫୁଟବଲ କ୍ଲବ ଓ ଆଠଗଡ ପଙ୍କାଳ ଦିବ୍ୟ ଜ୍ୟୋତି କ୍ଲବ ଆଦି ୮ ଟିମ ଭାଗ ନେଇଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଅନୁଗୋଳ ପତାକା କ୍ଲବ ଓ ଆଠଗଡ଼ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ୩୭ ମିନିଟ୍‌ରେ ପତାକା କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୭୨ ମିନିଟରେ ଆଠଗଡ଼ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ଗୋଟିଏ ଗୋଲ ସ୍କୋର କରିଥିଲା। ଫଳରେ ଖେଳ ସମୟସୀମା ସୁଦ୍ଧା ୧-୧ ଗୋଲରେ ଡ୍ର ରହିଥିଲା। ଏହା ପରେ ପେନାଲଟିକ୍ କରାଯାଇଥିଲା। ସେଥିରେ ଆଠଗଡ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ୫-୩ ଗୋଲରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚ୍‌କୁ ରେଫରି ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ପ୍ରସନ୍ନ ନାୟକ, ବିଦ୍ୟାଧର ନାୟକ, ବାପି ମହାପାତ୍ର ସହଯୋଗ କରିଥିଲେ। ଏହି ମ୍ୟାଚରେ ପଙ୍କାଳ ଦିବ୍ୟଜ୍ୟୋତି ଟିମ୍‌ର ଦାରାସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଶିଶିର କୁମାର ନାୟକଙ୍କୁ ବେଷ୍ଟ ଗୋଲ କିପର ଭାବେ ସମ୍ମାନୀତ କରାଯାଇଥିଲା। ଫାଇନାଲ ମ୍ୟାଚ ତଥା ଉଦ୍‌ଯାପନୀ ସଭାରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ପାତ୍ର , ବିଜୟ କୁମାର ପାତ୍ର , ଜିତେନ୍ଦ୍ର କୁମାର ପ୍ରଧାନ , ଜଗନ୍ନାଥ ମାହୁନ୍ତ,ହରିହର ମାହୁନ୍ତ, ଭଗବାନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ମାଳିସାହି ଭଞ୍ଜ ଆଥଲେଟିକ ଆସୋସିଏଶନର ସଦସ୍ୟ ଜିତେନ୍ଦ୍ର ପ୍ରଧାନ, ରବିନ୍ଦ୍ର ପ୍ରଧାନ, ଶୁଭ୍ରଜିତ ଦାସ, ଦୀପକ ପ୍ରଧାନ, ଜୀବନ ମାହୁନ୍ତ, କାହ୍ନୁ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବର୍ଣ୍ଣ


@ କିରଣବାଳା


@ ପ୍ରଭଞ୍ଜନ


@ ରାଜା


@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୧୪ ମଣ୍ଡିରେ ୧୪ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

■ଜାନୁଆରୀ ୮ରେ ୩ ଓ ୧୫ରେ ୫ଟି ବ୍ଲକ ଅଞ୍ଚଳର ୪୮ ହଜାର ଚାଷୀ ଧାନ ବିକିବା ସୁଯୋଗ

ଜଗତ୍‌ସିଂହପୁର,୨୪।୧୧ (ପ୍ରମୋଦ କୁମାର ନାୟକ)

୨୦୨୫ ଜାନୁଆରୀ ୮ରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ମଣ୍ଡିରୁ ଧାନ ସଂଗ୍ରହ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ରଘୁନାଥପୁର, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ୧୫ରେ ଜଗତ୍‌ସିଂହପୁର, ବାଲିକୁଦା, ବିରିଡ଼ି, ଏରସମା ଓ ନାଉଗାଁ ବ୍ଲକ ଅଞ୍ଚଳର ୪୭,୭୩୬ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଏହି ଧାନ କିଣିବା ପାଇଁ ଜିଲାରେ ୧୧୪ଟି ମଣ୍ଡି (୧୦୫ ପ୍ୟାକ୍ସ ଏବଂ ୯ ଏସଏଚ୍‌ଜି) କାର୍ଯ୍ୟକ୍ଷମ ହେବ। ଚଳିତବର୍ଷ ୧୩,୯୩,୨୭୯.୪୧ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ଖରିଫ ୨୦୨୪ -୨୫ ବର୍ଷ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ସୂଚନା ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚଳିତବର୍ଷ ଧାନ ସଂଗ୍ରହ ବୃଦ୍ଧି ପାଇବ ବୋଲି ଆଶାପୋଷଣ କରିଥିଲେ। ସେ କହିଥିଲେ, ମଣ୍ଡିଗୁଡ଼ିକରେ ଉପୁଜିବାକୁ ଥିବା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ସ୍କ୍ୱାଡ୍ ଗଠନ ହେବ। ଏଥିସହ କଳାବଜାରୀ ରୋକିବା ପାଇଁ ପଦକ୍ଷେପ ନିଆଯିବ। ମୋଟାମୋଟି ଭାବେ ବ୍ୟବସ୍ଥିତ ଢଙ୍ଗରେ ଧାନ ସଂଗ୍ରହ ପାଇଁ ପ୍ରଶାସନିକ ଅଧିକାରୀମାନେ ଧ୍ୟାନ ଦେବା ଉପରେ ମନ୍ତ୍ରୀ ଜୋର୍ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାଷୀ କେତେ ଧାନ ବିକୁଛି ତାର ପ୍ରମାଣ ସ୍ୱରୂପ ସାର୍ଟିଫିକେଟ ବ୍ୟବସ୍ଥା ହେବା ଉଚିତ ବୋଲି କହିଥିଲେ। କେବଳ ଏତିକି ନୁହେଁ, ମଣ୍ଡିରେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯଥା ପରିସ୍ରାଗାର ଓ ପାନୀୟଜଳ ଆଦି ବ୍ୟବସ୍ଥା ହେବା ଜରୁରୀ। ଧାନର ଏଫ୍‌ଏକ୍ୟୁ ମାନ ଆରଏମ୍‌ସି ଦ୍ୱାରା ଠିକ ଭାବେ ନିର୍ଦ୍ଧାରିତ ହେବା ଆବଶ୍ୟକ। ମିଲରମାନେ ତାଲିମପ୍ରାପ୍ତ ଲୋକଙ୍କୁ ମଣ୍ଡିକୁ ନ ପଠାଇଲେ ବ୍ୟତିକ୍ରମ ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଦିଗରେ ଧ୍ୟାନ ଦେବା ଆବଶ୍ୟକ। ଏଥିସହ କୁଳମୁଣ୍ଡିଲୋଠାରେ ଏକ ସବ୍‌ମଣ୍ଡି ଖୋଲିବାର ଆବଶ୍ୟକତା ଥିବା ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପାରାଦୀପ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଉପଜିଲାପାଳ ପ୍ରମୁଖ ଯୋଗଦେଇ ଟୋକନ ପଞ୍ଜିକରଣ ଅନୁଯାୟୀ ଧାନ ସଂଗ୍ରହ, ଟୋକନ ଅବଧି ବୃଦ୍ଧି, ଏଫ୍‌ଏକ୍ୟୁ ମାନର ଧାନ ପାଇଁ ଚାଷୀଙ୍କ ଭିତରେ ସଚେତନତା ବୃଦ୍ଧି ଉପରେ ଆଲୋଚନା କରିଥିଲେ। ବୈଠକରେ ପୌରୋହିତ୍ୟ କରି ଜିଲାପାଳ ଜେ. ସୋନାଲ କହିଥିଲେ, ଧାନ କିଣା ପୂର୍ବରୁ ଚାଷୀମାନଙ୍କ ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ହେବା ଉଚିତ। ଧାନ ପଡ଼ି ନ ରହି କିପରି ଶୀଘ୍ର ଉଠିବ ସେ ଉପରେ ଧ୍ୟାନ ଦିଆଯିବ। ଚୋରାଚାଲାଣ ହେଲେ ଧାନଗାଡ଼ି ତୁରନ୍ତ ଜବତ ହେବ। ଗତଥର ପରି ଚଳିତବର୍ଷ ଯେପରି ମଣ୍ଡିଗୁଡ଼ିକରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେ ଦିଗରେ ଧ୍ୟାନ ଦିଆଯିବ। କୌଣସି ପରିସ୍ଥିତିରେ କଟ୍‌ନିଛଟ୍‌କୁ ପ୍ରଶୟ ଦିଆଯିବ ନାହିଁ। ଏ ଦିଗରେ ଅଧିକାରୀମାନେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡିଗୁଡ଼ିକରେ ଜଣେ ଲେଖାଏ ନୋଡାଲ ଅଧିକାରୀ ଏବଂ ୪-୫ଟି ମଣ୍ଡିରେ ଜଣେ ଲେଖାଏ ସୁପରଭାଇଜିଙ୍ଗ ଅଧିକାରୀଙ୍କୁ ନିଯୁକ୍ତ ଦିଆଯିବ। ଏଥିସହ ଆବଶ୍ୟକ ସଂଖ୍ୟକ ଝୋଟ ଅଖା ଯୋଗାଣ, ମଣ୍ଡିର ଭିତ୍ତିଭୂମି ସଜଡା, ବିଜୁଳି, ଆଶ୍ରୟ ସ୍ଥଳ, ଟୋକନ ସମୟ ସୀମା, ଓଜନ ମେଶିନର ଉପଲବ୍ଧି ଉପରେ ଜିଲାପାଳ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦/- ଟଙ୍କା. ଏବଂ ଗ୍ରେଡ-ଏ ମୂଲ୍ୟ ୨୩୨୦/- ଟଙ୍କା ରଖାଯାଇଛି। ଏହାବାଦ ଅତିରିକ୍ତ ଇନ୍‌ପୁଟ ଆସିଷ୍ଟାନ୍ସ ହିସାବରେ ୮୦୦ ଏହିପରି କୁଇଣ୍ଟାଲ ପ୍ରତି ଚାଷୀଙ୍କୁ ୩୧୦୦ ଟଙ୍କା ଦିଆଯିବା ପାଇଁ ବ୍ୟବସ୍ଥା ହୋଇଛି। ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବ ସେ ବାବଦରେ ମଧ୍ୟ ଧ୍ୟାନ ଦିଆଯିବ। ପ୍ରତ୍ୟେକ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ ପାଇଁ ବ୍ୟବସ୍ଥା ହେବ। ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନ ଯାଞ୍ଚ ତଥ୍ୟ ଓ କୃଷକମାନଙ୍କ ନାମ ଉଲ୍ଲେଖ ରହିବ। ପ୍ରାଥମିକ କୃଷି ସମବାୟ ସମିତି, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ସଂଗୃହୀତ ଧାନର ମାନ ନିରୀକ୍ଷଣ ପାଇଁ ଯନ୍ତ୍ରର ବ୍ୟବହାର କରାଯିବ (ଗ୍ରେନ ଆନାଲାଇଜର) ଏବଂ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। କୌଣସି ଟୋକନ ଯେପରି କ୍ଷତି ନ ହୁଏ ସେଥିପ୍ରତି ୭ ଦିନ ଅବଧି ବଢ଼ାଇବାକୁ ଜିଲାପାଳଙ୍କୁ କ୍ଷମତା ଦିଆଯାଇଛି। ବାହାର ଜିଲାକୁ କିମ୍ବା ଅନ୍ତରାଜ୍ୟ ଧାନ ବିକ୍ରି ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ ହେବ। ଏଥିସହ ସିସିଟିଭି ଲାଗିବ ବୋଲି କୁହାଯାଇଥିଲା। ଜିଲା ଯୋଗାଣ ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ମିଲର ଓ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ରଘୁନାଥପୁର ନିକଟସ୍ଥ ଗୋମତୀ ଆଶ୍ରମ ଆଧ୍ୟାତ୍ମିକ ଏବଂ ଦାତବ୍ୟ ଟ୍ରଷ୍ଟ ପକ୍ଷରୁ ଶ୍ରୀ ବ୍ରଜବିହାର ଦର୍ଶନୀୟ ସେବାକେନ୍ଦ୍ର ନିର୍ମାଣ ପାଇଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଶିଳାନ୍ୟାସ କରୁଛନ୍ତି। (ଫଟୋ-ରାଜେନ୍ଦ୍ର ନାରାୟଣ ସିଂହ)

# ପାଠପଢ଼ା, ଭିତ୍ତିଭୂମିକୁ ନେଇ ଅସନ୍ତୋଷ

**ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବଙ୍କ ଚଟୁଆ ଉଚ୍ଚ ବିଦ୍ୟାଳୟ ଅଚାନକ ଗସ୍ତ**



ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଭଗବାନ ବେହେରା ସ୍କୁଲ୍‌ରେ ଆଲୋଚନା କରୁଛନ୍ତି।

କୁଜଙ୍ଗ,୨୪।୧୧(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ଉଚ୍ଚ ବିଦ୍ୟାଳୟକୁ ରବିବାର ଛୁଟି ଦିବସରେ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଭଗବାନ ବେହେରା ଅଚାନକ ପରିଦର୍ଶନରେ ଆସି ବିଦ୍ୟାଳୟରେ ହେଉଥିବା ଶିକ୍ଷାଦାନ ଓ ଦୁର୍ବଳ ଭିତ୍ତିଭୂମିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଗସ୍ତ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ନ ଥିଲା ବୋଲି ଏରସମା ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ ପ୍ରଧାନ ଶିକ୍ଷକ ନିଯୁକ୍ତି, ବଦଳି ହୋଇଥିବା ଶିକ୍ଷକଙ୍କୁ ଫେରାଇଆଣିବା ଦାବି ଓ ବିଦ୍ୟାଳୟରେ ଠିକ୍ ଭାବେ ଶିକ୍ଷାଦାନ ଦିଆଯାଉ ନ ଥିବା ଅଭିଯୋଗ କରି ପରିଚାଳନା କମିଟି ସଭାପତିଙ୍କ ସମେତ କେତେଜଣ ଅଭିଭାବକ ଶ୍ରେଣୀଗୃହରୁ ଛାତ୍ରୀଛାତ୍ରଙ୍କୁ ବିଦା କରିବା ସହ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଆଉ କେତେଜଣ ଅଭିଭାବକ ପହଞ୍ଚି ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପଟେ ବିଦ୍ୟାଳୟର ଅଭାବ କ'ଣ ଅଛି ସେ ବିଷୟରେ ଲିଖିତ ଆକାରରେ ଜଣାଇବାକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି ପରିଦର୍ଶନ ସମୟରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପରିଚାଳନା କମିଟି ସଭାପତି ଓ କେତେଜଣ ଅଭିଭାବକ ଉପସ୍ଥିତ ଥିଲେ।

# ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା

**ମେଗା ସ୍ୱାସ୍ଥ୍ୟ ଶିବିର**

ତିର୍ତ୍ତୋଲ, ୨୪।୧୧(ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର କିମ୍ସ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ନେବାର ସୁଯୋଗ ପାଇଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବେ କିଟ୍, କିସ୍ ଓ କିମ୍‌ସର ପ୍ରତିଷ୍ଠାତା ତଥା ପୂର୍ବତନ ଏମ୍‌ପି ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଡାକ୍ତର ପ୍ରଫେସର ଡ. ସିବିକେ ମହାନ୍ତି, କିମ୍ସର ନିର୍ଦ୍ଦେଶକ ଅଜିତ୍ କୁମାର ମହାନ୍ତି, କିମ୍ସର ଡେପୁଟି ଜେନେରାଲ ମ୍ୟାନେଜର ଡା. ହରିଶ୍ ଚୌଧୁରୀ, ଆର୍ଟ ଅଫ୍ ଗିଭିଂ ସଙ୍ଗଠନର ଜିଲା ସଂଯୋଜକ ବିଜୟ କୁମାର ସ୍ୱାଇଁ, କିଟ୍ ଓ କିସ୍‌ର ଆଇନ ନିର୍ଦ୍ଦେଶକ ମନୋରଞ୍ଜନ ପ୍ରଧାନ, ଉଚ୍ଚ ବିଦ୍ୟାଳୟ ଆଲୁମ୍‌ନିର ସଭାପତି ଜଗନ୍ନାଥ ଖଣ୍ଡୁଆଳ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଗନ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୩୦ରୁ ଊର୍ଦ୍ଧ୍ୱ ବିଭାଗର ଡାକ୍ତର ଉପସ୍ଥିତ ରହି ରୋଗୀ ଚିକିତ୍ସା କରିଥିଲେ।

# ପାରାଦୀପରେ ଲାଗିଲା ନୌସେନା ଯୁଦ୍ଧଜାହାଜ ସାତପୁରା




ପାରାଦୀପ ବନ୍ଦର ଇକ୍ୟୁ-୧ ବର୍ଥରେ ନୌସେନା ଯୁଦ୍ଧଜାହାଜ ସାତପୁରା ଲାଗିଛି।

**ସାଧାରଣ ଲୋକଙ୍କ ପାଇଁ ୬ ଘଣ୍ଟା ଖୋଲା**

ପାରାଦୀପ,୨୪।୧୧(ଶରତ ରାଉତ)

ଭାରତୀୟ ନୌସେନା ଦିବସ (ଡିସେମ୍ବର ୫) ଉପଲକ୍ଷେ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏନେଇ ପାରାଦୀପ ବନ୍ଦର ମଧ୍ୟରେ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ସାତପୁରା ରବିବାର ଲାଗିଛି। ଏହାକୁ ସାଧାରଣ ଲୋକ ଦେଖିବା ପାଇଁ ମାତ୍ର ୬ ଘଣ୍ଟା ଖୋଲାଯିବ। ସକାଳ ୮ଟାରୁ ଅପରାହ୍ନ ୨ଟା ମଧ୍ୟରେ ସାଧାରଣ ଲୋକ, ସ୍କୁଲ ଛାତ୍ରୀଛାତ୍ରଙ୍କୁ ଏହା ଦେଖିବାର ସୁଯୋଗ ମିଳିବ। ଏଥିପାଇଁ ନୌସେନା ପକ୍ଷରୁ ବନ୍ଦର ନିଷିଦ୍ଧାଞ୍ଚଳରେ ଯାତାୟାତ ପାଇଁ ବସ୍ ବ୍ୟବସ୍ଥା କରାଯାଇଛି। ବନ୍ଦର ଇକ୍ୟୁ -୧ ବର୍ଥରେ ଏହି ଜାହାଜ ବର୍ଥିଂ କରିଛି। ଗୋପାଳପୁର ବନ୍ଦରରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯାଇଛି। ଆସନ୍ତା ଡିସେମ୍ବର ୪ରେ ପୁରୀଠାରେ ନୌସେନା ଦିବସ କାର୍ଯ୍ୟକ୍ରମ ଲାଗି ଆୟୋଜନ କରାଯାଇଛି। ସେଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ ବୋଲି ଜଣାପଡ଼ିଛି। ଚଳିତବର୍ଷ ଯୁଦ୍ଧ ଜାହାଜ ଦେଖିବା ସମ୍ପର୍କରେ ନୌସେନା ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। କେବଳ ପାରାଦୀପ ବନ୍ଦର ୪ ନଂ. ଗେଟ୍ ପାଖରେ କେବଳ ଗୋଟିଏ ବ୍ୟାନର ଲଗାଯାଇଛି।

# ରକ୍ତଦାନ ଶିବିର: ୪୭ ୟୁନିଟ୍ ସଂଗ୍ରହ

ଡେରାବିଶ,୨୪।୧୧(ବେବର୍ତ୍ତା ଅଜୟ ଦାସ)

ଶ୍ରୀ ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମ ଜୟନ୍ତୀ ଅବସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଦୁମୁକାହାଟସ୍ଥିତ ଆଞ୍ଚଳିକ ଯୁବସାମ୍ମୁଖ୍ୟ ଗୃହରେ ଶନିବାର ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଙ୍ଗଠନର ଠାକୁରାପାଟଣା ସମିତି ଅଧୀନ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ, ଜହଙ୍ଗର ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରୁ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଙ୍ଗଠନର ଜିଲା ସଭାପତି ଉମେଶ ଚନ୍ଦ୍ର ସେନାପତି ଓ ଜିଲା ଯୁବ ସଂଯୋଜକ ସ୍ମୃତିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରୁ କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀମାନେ ପରିଚାଳନା କରିଥିଲେ। ଏଥିରେ ଆୟୋଜକ ଅନୁଷ୍ଠାନର ହରିଶ୍ ଦାସ, ଇଶାନ ରଥ, ଉତ୍ତମ ସିଂହ, ତପନ ସିଂହ, ଖଗେଶ୍ୱର ସାହୁ, ଅଶ୍ୱିନୀ ରାଉତ, ସର୍ବେଶ୍ୱର ଜେନା, ପ୍ରଭାତ ବେହେରା, ଅତୁଲ୍ୟ ରଥ, ଅଭିମନ୍ୟୁ ବେହେରା, ରୁଦ୍ର ନାରାୟଣ ସ୍ୱାଇଁ, ଅଭିଷେକ ରଥ, ବିଶ୍ୱ ପ୍ରକାଶ ଭୂୟାଁ, ଶରତ ଚନ୍ଦ୍ର ରାଉତ, ସର୍ବେଶ୍ୱର ଜେନା ଓ ଚିରଞ୍ଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ୨ ବର୍ଷ ଶିଶୁକନ୍ୟା ମୃତ

ରାଜନଗର, ୨୪।୧୧(ଭାସ୍କର ରାଉତରାୟ)

ରାଜନଗର ଥାନା ସଦର ମହକୁମା ପଞ୍ଚାୟତର ଡିଆପାରି ଗ୍ରାମର କାର୍ତ୍ତିକ ସେଠୀଙ୍କ ୨ ବର୍ଷର ନାତୁଣୀ କୌଶଲ୍ୟା ରବିବାର ସକାଳ ୮ଟାରେ ଖେଳୁଥିବା ବେଳେ ପୋଖରୀରେ ପଡ଼ିଯାଇଥିଲେ। ଘରଲୋକ ଦୀର୍ଘସମୟ ଧରି କୌଶଲ୍ୟାଙ୍କୁ ନ ପାଇବାରୁ ଏଣେତେଣେ ଖୋଜାଖୋଜି କରିଥିଲେ। ଗାଁ ଲୋକେ କୌଶଲ୍ୟାଙ୍କୁ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ସଦସ୍ୟ ତାଙ୍କୁ ପୋଖରୀରୁ ଉଦ୍ଧାରକରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। କୌଶଲ୍ୟାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗିପଡ଼ିଥିବାବେଳେ ଡିଆପାରି ଗାଁରେ ଶୋକର ଛାୟା ଖେଳିଯାଇଛି। ମୃତା କୌଶଲ୍ୟାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୫ ଦିନରେ ପହଞ୍ଚିଲା ଗଣସତ୍ୟାଗ୍ରହ

**ରେଢୁଆ ବିସି କଲେଜରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବି**

■ ଖୋଲିବାକୁ ପ୍ରତିଶ୍ରୁତି ଦେଲେ ଏମ୍‌ପି

ରଘୁନାଥପୁର,୨୪।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ପକ୍ଷରୁ ନଭେମ୍ବର ୧୧ରୁ ଚାଲିଥିବା ଗଣସତ୍ୟାଗ୍ରହ ୧୫ ଦିନରେ ପହଞ୍ଚିଛି। ଏନେଇ ଉଚ୍ଚଶିକ୍ଷା ବିଭାଗ କିମ୍ବା ଜିଲା ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଶନିବାର ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଫୋନ ଯୋଗେ ସତ୍ୟାଗ୍ରହୀମାନଙ୍କ ସହ ଆଲୋଚନା କରି ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସତ୍ୟାଗ୍ରହ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଥିଲେ। ଏନେଇ ସୋମବାର ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ଓ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଏମ୍‌ପିଙ୍କ ପ୍ରତିଶ୍ରୁତି ଉପରେ ନିଷ୍ପତ୍ତି ନେବେ ବୋଲି କର୍ମକର୍ତ୍ତା ସ୍ନେହାଂଶୁ ଜେନା ଓ ଦେବୀପ୍ରସାଦ ମହାରଣା ପ୍ରକାଶ କରିଛନ୍ତି। ଗତ ୧୯ ତାରିଖରେ ଏ ସମ୍ପର୍କିତ ଆଲୋଚନାରେ ଜିଲାପାଳ ନିଜର ଅସହାୟତା ପ୍ରକାଶ କରିବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇ ଜିଦ୍‌ରେ ଅଟଳ ରହିଛନ୍ତି। ସେମାନଙ୍କ ସହ ଆଲୋଚନା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ମହାରଣା କହିଛନ୍ତି । ଅନ୍ୟପକ୍ଷେ ଏମ୍‌ପି ତରାଇ ସତ୍ୟାଗ୍ରହକୁ ସମର୍ଥନ ଜଣାଇବା ସହ ଆସନ୍ତା ୧୫ ଦିନ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରି ଆସନ୍ତା ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ପାଇଁ ଯୁକ୍ତ ୩ ବିଜ୍ଞାନ ଶିକ୍ଷା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସତ୍ୟାଗ୍ରହୀମାନେ କହିଛନ୍ତି। ସତ୍ୟାଗ୍ରହ ସ୍ଥଳରେ ଆବାହକ ଜେନା ଓ ମହାରଣାଙ୍କ ସହ ଶୁଭାଶିଷ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ଜୋସେଫ ସ୍ୱାଇଁ, ବିକ୍ରମ କେଶରୀ ମହାନ୍ତି, ଲିଟୁ ମଲ୍ଲିକ, ଅନିମା ପ୍ରିୟଦର୍ଶିନୀ ନାୟକ, ପ୍ରଭାତୀ ଚୌଧୁରୀ, ଶ୍ରଦ୍ଧାସୁମନ ମହାନ୍ତି, ରିମା ବେହେରା, ପଦ୍ମଜା ଭୋଳ, ଋତୁପର୍ଣ୍ଣା ବେହେରା, ସ୍ମୃତି ସୌନ୍ଦର୍ଯ୍ୟ ସ୍ୱାଇଁ, ସ୍ୱସ୍ତି ସୌନ୍ଦର୍ଯ୍ୟ ସ୍ୱାଇଁ, ରାନିପ୍ରଭା ନାୟକ, ଅଭିନନ୍ଦନ ମହାନ୍ତି, ଅମ୍ବିକା ପ୍ରସାଦ ମହାରଣା, ସ୍ମୃତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଧାରଣାରେ ବସିଥିବା ଗ୍ରାମବାସୀ।

# ପ୍ରକଳ୍ପ କାର୍ଯ୍ୟକାରୀ ନ ହେଉଣୁ ଭାଙ୍ଗି ଗଲାଣି



ଗାଁରେ ନାହିଁ ଅଙ୍ଗନୱାଡ଼ିର ନିଜସ୍ୱ ଗୃହ।



ବେକାର ହୋଇପଡିଛି ବର୍ଜ୍ୟବସ୍ତୁ ଖତ କେନ୍ଦ୍ର।



ଜୋରଜବରଦସ୍ତ ରାସ୍ତାକୁ ହାଣି ପାଇପ୍ ପକାଉଛନ୍ତି।

■ ଜିଲା ପ୍ରଶାସନ ପାଖରେ ଖବର ନାହିଁ

■ ଗ୍ରାମାଞ୍ଚଳର ବିକାଶ ପାଇଁ ଅର୍ଥ ବ୍ୟୟବରାଦ

ପଟ୍ଟାମୁଣ୍ଡାଇ, ୨୪।୧୧ (କଳ୍ପତରୁ ନାୟକ)

ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ବିଭିନ୍ନ ଯୋଜନା ପ୍ରଣୟନ କରି ଅର୍ଥ ବ୍ୟୟବରାଦ କରୁଛନ୍ତି। ମାତ୍ର ବାସ୍ତବରେ ତାହା କେତେ ଫଳପ୍ରଦ ହେଉଛି, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଏକାଧିକ ଗ୍ରାମରୁ ପ୍ରତୀୟମାନ ହେଉଛି। ବିକାଶ ପାଇଁ ଆସୁଥିବା ଅର୍ଥକୁ ଠିକ୍ ଭାବେ ବ୍ଲକ ପ୍ରଶାସନ ତଦାରଖ କରୁ ନ ଥିବାରୁ ଯନ୍ତ୍ରୀ ଓ ପଞ୍ଚାୟତ ଅଧିକାରୀ ମିଳିମିଶି ଅର୍ଥକୁ ବାଟମାରଣା କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବାସ୍ତବରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ନା ଭାଙ୍ଗିଗଲାଣି, ଏହି ଖବର ଜିଲା ପ୍ରଶାସନ ପାଖରେ ନାହିଁ। ସମୀକ୍ଷା ତ ଦୂରର କଥା, ତଦାରଖ ବି ହେଉନାହିଁ। ହେଲେ ବ୍ଲକ ପ୍ରଶାସନର ଆନ୍ତରିକତା ଓ ଦୂରଦୃଷ୍ଟି ଅଭାବରୁ ବ୍ଲକ ଅଞ୍ଚଳବାସୀଙ୍କ ଭାଗ୍ୟ ଯେମିତି ସେମିତିରେ ରହିଯାଇଛି।

ସାମାଜିକ କର୍ମୀ ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ସରୋଜ ସ୍ୱାଇଁ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ୩୧ ପଞ୍ଚାୟତ ଥିବାବେଳେ ଅନେକ ଗ୍ରାମର ଜନସାଧାରଣ ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ଆଲୋକୀକରଣ ସେବା ଏବଂ ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି। ରାସ୍ତା ନିର୍ମାଣ ଓ ଆଲୋକୀକରଣ ପ୍ରସ୍ତାବ ସରକାରୀ କାଗଜକଲମ ମଧ୍ୟରେ ସୀମିତ ହୋଇ ରହିଯାଇଛି। ସରକାର କେତେବେଳେ ଡିଜିଟାଲ ଇଣ୍ଡିଆ ତ କେତେବେଳେ ମେକ୍ ଇନ୍ ଓଡ଼ିଶା ବା ଉତ୍କଳ ଉତ୍କର୍ଷ ଏପରି ଅଜସ୍ର ଯୋଜନାର ଝଲକରେ ଆଖି ଝଲସିଯିବା ସହିତ କାନ ଅତଡ଼ା ପଡ଼ିଯାଉଛି। ତେବେ ବାସ୍ତବିକତା ଏବଂ ବିଜ୍ଞାପନ ମଧ୍ୟରେ ଆକାଶ ପାତାଳର ଫରକ୍ ଥିବା ଜଳଜଳ ହୋଇ ଦେଖାଯାଉଛି। ଅନେକ ଗାଁ ଅଛି ଯେଉଁଠି ନା ସରକାରଙ୍କ ତଥାକଥିତ ଗ୍ରାମାଞ୍ଚଳ ବିକାଶ ପହଞ୍ଚିଛି ନା ଶିଳ୍ପାୟନଜନିତ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ କାଣିକଉଡ଼ିଟିଏ ବିନିଯୋଗ ହୋଇପାରିଛି। ବିକାଶର ଆଲୋକରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ଓ ଅବହେଳାର ଅନ୍ଧକାର ଭିତରେ ପଡ଼ି ରହିଛନ୍ତି। ଧୋୟାଞ୍ଚଳ କଥା ନ କହିବା ଭଲ। ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତାଖଣ୍ଡିଏ ନିର୍ମାଣ ହୋଇପାରିନାହିଁ। ଫଳରେ ଜିଲା ସଦର ମହକୁମା, ବ୍ଲକ, ତହସିଲ, ଡାକ୍ତରଖାନା, ଥାନା ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତରେ ଗ୍ରାମବାସୀଙ୍କ ପାଇ ସମସ୍ୟା ସୃଷ୍ଟି କରୁଛି। ଅନ୍ୟପକ୍ଷରେ ପେଣ୍ଟପାଳରୁ ଅଳପୁଆ, ବଲୁରିଆ ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା ସଫଳ ହୋଇନାହିଁ। ବିକାଶର ଏଭଳି ବିକଳ ଚିତ୍ର ପ୍ରଶାସନିକ ଅଧିକାରୀମାନଙ୍କ ନଜରକୁ ଆସୁଥିଲେ ମଧ୍ୟ ଜାଣି ନ ଜାଣିଲା ଭଳି ନୀରବଦ୍ରଷ୍ଟା ହୋଇ ରହୁଛନ୍ତି। ଯୁବ ସାମାଜିକ କର୍ମୀ ଗୌତମ ବେହେରା କହିଛନ୍ତି, ବଡ଼ମୋହନପୁର ପଞ୍ଚାୟତ ଦେଉଳି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବଡ଼ମହନପୁର ବଜାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖି ସରକାରଙ୍କୁ ଅବଗତ କରାଯାଇଛି। କିନ୍ତୁ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରାଯାଉଛି। ବିଧିବଦ୍ଧ ଭାବେ ଉଭୟ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅସହଯୋଗ ଏବଂ ଅବହେଳା ଯୋଗୁ ବଡ଼ମହନପୁର ପଞ୍ଚାୟତର ବିକାଶ ହୋଇପାରିଲା ନାହିଁ। ଦେଉଳି ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ୬ ତରିଖରେ ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ, ଅଭିଭାବକ, ଛାତ୍ରୀଛାତ୍ର ଶିକ୍ଷକ ନିଯୁକ୍ତି ଦାବିରେ ଅନଶନ କରିଥିଲେ। ଯୁବ ସମାଜ ସଂଯୋଜକ ମଳୟ କୁମାର ବାରିକ କହିଛନ୍ତି, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି।

ନିର୍ବାଚନ ସମୟ ଆସିଲେ ନେତାମାନେ ଗ୍ରାମର ବିକାଶ ପାଇଁ ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ନିର୍ବାଚନ ସରିବା ପରେ ଆଉ ସେହି ପ୍ରତିଶ୍ରୁତି କାର୍ଯ୍ୟ କରନ୍ତି ନାହିଁ। ପରେ ଗ୍ରାମକୁ ମଧ୍ୟ ଯାଆନ୍ତି ନାହିଁ। ତେଣୁ ଆଗାମୀଦିନରେ ତୁରନ୍ତ ଗ୍ରାମଗୁଡ଼ିକୁ ପକ୍କା ସଡ଼କ ନିର୍ମାଣ, ସ୍ୱାସ୍ଥ୍ୟ, ଗୋଷ୍ଠୀ ଗୃହ ନିର୍ମାଣ, ଗ୍ରାମୀଣ ଆଲୋକୀକରଣ ଏବଂ ସ୍ୱଚ୍ଛ ପାନୀୟଜଳ ଯୋଗାଣ ସହ ଗ୍ରାମବାସୀଙ୍କୁ ଆବାସ ଯୋଜନା ମାଧ୍ୟମରେ ସାମିଲ କରି ଘର ଯୋଗାଇ ଦେବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

ବାଲିଗୁଡ଼ା,୨୪।୧୧(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡ଼ା ଅବକାରୀ ବିଭାଗ ଗଞ୍ଜେଇ ଚୋରାଚାଲାଣ ବେଳେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଫିରିଙ୍ଗିଆର ଅଭୟ ପର୍ଶୁରାମ ମହାରଣା ଓ ଶଙ୍କରାଖୋଲର ବିକ୍ରୁ ଦିଗାଳ। ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ସାରଙ୍ଗଡ ଥାନା ବନ୍ଧଗୁଡା ଛକରେ ଅବକାରୀ ବିଭାଗ କର୍ମଚାରୀମାନେ ଜଗି ରହିଥିଲେ। ଏହି ସମୟରେ କାର (ନଂ.ଓଡି୦୨ ସିଏନ-୦୪୩୩) ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। କାର ଭିତରୁ ୨୩ କେଜି ଗଞ୍ଜେଇ ମିଳିଥିଲା। କାର ଓ ଗଞ୍ଜେଇ ଜବତ କରି କର୍ମଚାରୀମାନେ ଉଭୟଙ୍କୁ ଧରି କାର୍ଯ୍ୟାଳୟକୁ ଆସିଥିଲେ। ନଂ. ୭୨/୨୪ରେ ଏକ ମାମଲା ରୁଜୁ ହୋଇଥିବା ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ଯୋଗାଚାର୍ଯ୍ୟ ଶ୍ରୀ ବଡ଼ଦାଙ୍କ ଜନ୍ମୋତ୍ସବ

ପାତ୍ରପୁର,୨୪।୧୧(ଉମା ଚରଣ ନେପାକ)

ବଣସୋଲା ସତ୍‌ସଙ୍ଗ ଉପାସନା କେନ୍ଦ୍ର ଆନୁକୂଲ୍ୟରେ ପରମ ପୂଜ୍ୟପାଦ ଯୋଗାଚାର୍ଯ୍ୟ ଶ୍ରୀଶ୍ରୀ ବଡ଼ଦାଙ୍କ ଶୁଭ ୧୧୪ତମ ଜନ୍ମ ଉତ୍ସବ ରବିବାର ପାତ୍ରପୁର ବ୍ଲକ ଜରଡାଗଡ଼ ରଥ ଦାଣ୍ଡରେ ପାଳିତ ହୋଇଯାଇଛି। ପାତ୍ରପୁର, ଚିକିଟି, ଦିଗପହଣ୍ଡି, କରପଡ଼ା ଓ ସାନଖେମୁଣ୍ଡି ବ୍ଲକର ସମସ୍ତ ଗୁରୁଭାଇ ଓ ମା' ମାନଙ୍କର ମିଳିତ ପ୍ରଚେଷ୍ଟାରେ ଏହି ସମାରୋହ ଆୟୋଜିତ ହୋଇଥିଲା। ବୃନ୍ଦାବନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଜ୍ୟୋତି ନିରଞ୍ଜନ ରେଡ୍ଡୀ ପରିଚାଳନା କରିଥିଲେ। ସକାଳ ଆଠଟାରୁ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଧରଣୀଧର ସ୍ୱାଇଁ ପ୍ରବଚନ ଦେଇଥିଲେ। ଏଥିରେ ନାରାୟଣ ବେହେରା, ଜଗଦୀଶ ପାଇକ, ଲକ୍ଷ୍ମୀ ବେହେରା, ପ୍ରଦୀପ ଶବର, ଦଣ୍ଡପାଣି ପ୍ରଧାନ, ଇନ୍ଦିରା ପ୍ରଧାନଙ୍କ ସମେତ ୩ ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

### ମାସିକ କବିତା ଆସର

ଛତ୍ରପୁର,୨୪।୧୧
(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଛତ୍ରପୁରସ୍ଥିତ ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ କବି ଡ. ପ୍ରଶାନ୍ତ ଶତପଥୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ମାସିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । କବିତା ଆସର ଓଡ଼ିଆ ଭାଷା ଓ ସଂସ୍କୃତିକୁ ଭଲପାଇବା ଦିଗରେ ନିଶ୍ଚିତଭାବେ ପ୍ରେରଣା ଯୋଗାଇବ ବୋଲି ନିଜ ଅଭିଭାଷଣରେ ସଭାପତି ପ୍ରକାଶ କରିଥିଲେ। ଏଥିରେ ସମ୍ପାଦକ ସୋମନାଥ ସାହୁ, ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ବାସନ୍ତୀ ସ୍ୱାଇଁ, ଯତିରାଜ ନାୟକ, ବଳରାମ ପଲେଇ, ନରେନ୍ଦ୍ର ପଣ୍ଡା, ରାମଚନ୍ଦ୍ର ନନ୍ଦ, ବିଜୟ ରାଉଳ, ଦୁର୍ଗା ଚରଣ ପଲେଇ, ମାଧବ ମହାପାତ୍ର, ରାମାନୁଜ ଦାସ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

### ଗୀତା ପାଠଶାଳାର ବାର୍ଷିକ ଉତ୍ସବ

ଆସିକା,୨୪।୧୧ (ସୁରେନ୍ଦ୍ର ନାଥ ସାହୁ)

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକାସ୍ଥିତ ଶାନ୍ତିଶକ୍ତି ଭବନ ପକ୍ଷରୁ ସ୍ଥାନୀୟ କଲେଜ ଛକଠାରେ ପରିଚାଳିତ ଗୀତା ପାଠଶାଳା ବିଶ୍ୱ କଲ୍ୟାଣୀ ଭବନରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭବନର ସଞ୍ଚାଳିକା ପ୍ରଭାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଖଟେଇଙ୍କ ଦ୍ୱାରା ଭବନ ପରିସରରେ ଶିବଧ୍ୱଜା ଉତ୍ତୋଳନ କରାଯାଇଥିଲା। ରାଜଯୋଗ ମାଧ୍ୟମରେ ଜୀବନକୁ ସାର୍ଥକ କରିବା ଲାଗି ସମସ୍ତଙ୍କୁ ନିବେଦନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ଭଉଣୀ ଭାଇ ଅଂଶ ଗ୍ରହଣ କରିଥିଲେ ।

### କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଛତ୍ରପୁର,୨୪।୧୧(ଦିଲ୍ଲୀପ ସାମଲ)

ସ୍ଥାନୀୟ ଅନସ୍ଲୋ ମିନି ଷ୍ଟାଡିୟମଠାରେ ତିନିଦିନ ଧରି ଚାଲିଥିବା ଛତ୍ରପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ଛତ୍ରପୁର କୃଷି ଜିଲା ଅଧିକାରୀ କୁଳମଣି ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ମଲ୍ଲିକ ଓ ସହକାରୀ ଯନ୍ତ୍ରୀ ପ୍ରମିତ କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଟ୍ରଷ୍ଟ ହଡ଼ପ କରୁଥିବା ଅଭିଯୋଗ

ଦିଗପହଣ୍ଡି/ଚିକିଟି,୨୪।୧୧
(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

**ନୂଆପଡ଼ା ହାଇସ୍କୁଲକୁ ଭୂ-ସମ୍ପତ୍ତି ଦାନ କରିଥିଲେ ମହିଳା**

ନୂଆପଡ଼ା ହାଇସ୍କୁଲ ପରିଚାଳନା ପାଇଁ ମିଳିଥିବା ଭୂ-ସମ୍ପତ୍ତିକୁ ଏକ ଟ୍ରଷ୍ଟ ମାଧ୍ୟମରେ ହଡପ କରାଯାଉଥିବା ଅଭିଯୋଗ ହୋଇଛି। ହାଇସ୍କୁଲର ପୁରାତନ ଛାତ୍ର ପ୍ରଦୀପ କୁମାର ପୃଷ୍ଟି ପ୍ରଶାସନର ନିର୍ଦ୍ଦେଶକ୍ରମେ କେ. ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୫୮/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ନୂଆପଡାରେ ୧୯୪୧ ମସିହାରେ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ଓ ପ୍ରସାର ଚାହୁଁଥିବା ନୂଆପଡା ଗ୍ରାମର ନିଃସନ୍ତାନ ମହିଳା ତୁମୁଲୁ. କାନକାମ୍ମା ହାଇସ୍କୁଲ ପରିଚାଳନା ପାଇଁ ତାଙ୍କ ନାଁରେ ବାଦ୍ୟନାଳ ଶାସନ ମୌଜାରେ ଥିବା ପ୍ରାୟ ୧୦ ଏକର ଚାଷ ଜମି ପ୍ରଦାନ କରିଥିଲେ। ତାହା ପରବର୍ତ୍ତୀ ସମୟରେ ସ୍କୁଲ ନାମରେ ନାମିତ ହୋଇ ପ୍ରତିବର୍ଷ ଉତ୍ପାଦିତ ଫସଲ ଓ ତା'ର ବିକ୍ରି ଲବ୍ଧ ଅର୍ଥରାଶି ସ୍କୁଲ ପରିଚାଳନା ଦିଗରେ ବିନିଯୋଗ ହୋଇଆସୁଥିଲା। ତେବେ ୧୯୬୪ରେ ହାଇସ୍କୁଲକୁ ସରକାର ନିଜ ହାତକୁ ନେବାପରେ କାନକାମ୍ମାଙ୍କ ନାଁ ଗଠିତ ଟ୍ରଷ୍ଟ ସ୍କୁଲକୁ ଦିଆଯାଉଥିବା ସହାୟତା ଧୀରେ ଧୀରେ ବନ୍ଦ କରିଦେଲେ। ଦୀର୍ଘ ବର୍ଷ ଧରି ଆର୍ଥିକ ସହାୟତା ବନ୍ଦ ହୋଇଯିବା ପରେ ପୁରାତନ ଛାତ୍ର ପ୍ରଦୀପ ଏହାର ପ୍ରତିବାଦ କରିବା ଆରମ୍ଭ କରିଥିଲେ। ହାଇସ୍କୁଲକୁ ଦିଆଯାଇଥିବା ଜମିର ସମସ୍ତ ବକେୟା ପ୍ରତିଫଳ ଅର୍ଥ ହାଇସ୍କୁଲକୁ ପ୍ରଦାନ କରିବା ପାଇଁ ସେ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ଶେଷରେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ଗତ ୨୦୧୯ରେ ମାମଲାର ସମାଧାନ ପାଇଁ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସଂଯୋଜନାରେ ୨୦୨୩ ଜୁଲାଇ ୪ ତାରିଖରେ ରାଜସ୍ୱ ବିଭାଗୀୟ ଅଧିକାରୀ, ପୋଲିସ ଏସଡିପିଓ, ଟ୍ରଷ୍ଟ କାର୍ଯ୍ୟକର୍ତ୍ତା, ଗ୍ରାମବାସୀ ଏବଂ ଅଭିଯୋଗକାରୀଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ କାନକାମ୍ମା ଟ୍ରଷ୍ଟ ଉଲ୍ଲଂଘନ କରିଥିବାରୁ ପ୍ରଦୀପ ଥାନାରେ ଏତଲା ଦେଇଛନ୍ତି।

## ଯୋଗଦେଲେ ୫୦ ହଜାର ଶ୍ରଦ୍ଧାଳୁ



ଯଜ୍ଞରେ ଯୋଗ ଦେଇଥିବା ଶ୍ରଦ୍ଧାଳୁ।

ଭଞ୍ଜନଗର,୨୪।୧୧(ବାବୁଲା ପ୍ରଧାନ)

**ବିଶ୍ୱଶାନ୍ତି ମହାଯଜ୍ଞ ତୃତୀୟ ଦିବସ**

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପଡ଼ିଆରେ ଚାଲିଥିବା ୨୧ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ତୃତୀୟ ଦିବସରେ ପହଞ୍ଚିଛି। ଏହି ଯଜ୍ଞରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ ସନ୍ଥ ମାନେ ପ୍ରବଚନ ଦେଇଛନ୍ତି। ଯଜ୍ଞରେ ୪ ଜଣ ବିଧାୟକ ସମେତ ଅନେକ ବରିଷ୍ଠ ଅଧିକାରୀ ଯୋଗଦେଇ ସାଧୁସନ୍ଥଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ବିଧାୟକ।

ସୋରଡା,୨୪।୧୧(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡା ବହୁମୁଖୀ କ୍ରୀଡ଼ା ଷ୍ଟାଡିୟମରେ ଋଷିକୁଲ୍ୟା ବ୍ୟାଡ୍‌ମିଣ୍ଟନ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଶୋୟୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଡାକ୍ତର ଆଶିଷ ଖାଡେଙ୍ଗା ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଟୁର୍ନାମେଣ୍ଟରେ ଗଞ୍ଜାମ ଜିଲାର ସବୁ ଅଞ୍ଚଳରୁ ବ୍ୟାଡ୍‌ମିଣ୍ଟନ ଦଳ ଯୋଗଦେବା ସହ ଯାଜପୁର, ଗଜପତି, ରାୟଗଡା, ଖୋର୍ଦ୍ଧା, ଭୁବନେଶ୍ୱର, ବ୍ରହ୍ମପୁରରୁ ମୋଟ ୬୩ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ରେଫରି ଭାବେ ଅଚ୍ୟୁତାନନ୍ଦ ଆଚାରୀ, ଶିବ ପ୍ରସାଦ ପାଢ଼ୀ ଦାୟିତ୍ୱ ତୁଲାଉଛନ୍ତି। ସୋରଡାରେ ଇଣ୍ଡୋର ଷ୍ଟାଡିୟମ ହେଲା ପରେ ଏହା ପ୍ରଥମ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ। ବିଧାୟକ ଏହି ଷ୍ଟାଡିୟମର ସମସ୍ତ ସୁବିଧା ବୁଲି ଦେଖିବା ସହ କ୍ରୀଡ଼ାବିତ୍‌ଙ୍କ ସହ ମିଶି ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ।

### ବଲସକୁମ୍ପାରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଅଚଳ

ଖଜୁରୀପଡ଼ା ୨୪।୧୧( ବିଦୁର ବେହେରା)

ଆଜିକୁ ୨ ଦିନ ହେଲା ବଲସକୁମ୍ପାଠାରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଅଚଳ ହୋଇପଡିଛି। ଏହା ଫଳରେ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଏସ୍‌ଡିଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମେଗା ପ୍ରକଳ୍ପ ପାଇଁ ପାଇପ ଲାଇନ ଖୋଳା ଯାଉଛି। ପାଇପ ବିଛେଇବା ପାଇଁ ଖୋଳିବା ବେଳେ ତାର ଛିଡେଇ ଦେଉଛନ୍ତି, ଯେଉଁଥି ପାଇଁ ଏହି ସବୁ ସମସ୍ୟା ହେଉଛି। ତାର କନେକ୍ସନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ମାତ୍ର ସେମାନେ ଦରମା ପାଇ ନ ଥିବାରୁ କାର୍ଯ୍ୟ କରିବାରେ ଅବହେଳା କରୁଛନ୍ତି। ତଥାପି ଉପରିସ୍ଥ ଅଧିକାରୀଙ୍କ ସହିତ କଥା ହୋଇଛି। ଶୀଘ୍ର କନେକ୍ସନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବଲସକୁମ୍ପା ଏକ ପ୍ରସିଦ୍ଧ ପୀଠ ଏବଂ ଜନ ଗହଳି ସ୍ଥାନ ହୋଇଥିବାରୁ ଅଞ୍ଚଳବାସୀ ଜନସେବା କେନ୍ଦ୍ର ଉପରେ ନିର୍ଭର କରନ୍ତି। ସେହିପରି ମା' ବରାଳଦେବୀଙ୍କ ପବିତ୍ର ପୀଠ ହୋଇଥିବାରୁ ପ୍ରତିଦିନ ଶତାଧିକ ଭକ୍ତ ଶ୍ରଦ୍ଧାଳୁ ମନ୍ଦିରକୁ ଦର୍ଶନ ପାଇଁ ଆସନ୍ତି। ପର୍ଯ୍ୟଟକ ମାନେ ନେଟୱର୍କ ସମସ୍ୟା ରହୁଥିବାରୁ ଜରୁରିକାଳୀନ ବାର୍ତ୍ତାଳାପ ବାଧା ସୃଷ୍ଟି ହେଉଛି। ଅନ୍‌ଲାଇନ ପାଠ ପଢ଼ିବାରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥିବା ଅଞ୍ଚଳବାସୀ କହିଛନ୍ତି ।

## ଅବସରପ୍ରାପ୍ତ ସୈନିକ ସଂଘ ବୈଠକ



ବୈଠକରେ ବିଧାୟକ ଆଲୋଚନା କରୁଛନ୍ତି।

କବିସୂର୍ଯ୍ୟନଗର,୨୪।୧୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏକାଦଶୀଠାରେ ଅବସରପ୍ରାପ୍ତ ସୈନିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇଥିଲେ । ସଂଘ ଗୃହ ନିର୍ମାଣ ଲାଗି ସହାୟତା କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅବସର ସୈନିକଙ୍କ ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ଏବଂ ସଂଘ ମଜଭୁତ କରିବା ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବ୍ରିଗେଡିୟର ଅଭିମନ୍ୟୁ ରାଉତ, ସଭାପତି ଡା. କଂଗ୍ରେସ ପ୍ରଧାନ, କ୍ୟାପଟେନ ସ୍ୱାଇଁ, କବିରାଜ ବିଶ୍ୱାଳ, ବିଜୟ ପାଣିଗ୍ରାହୀ, ମହେନ୍ଦ୍ର ସ୍ୱାଇଁ, କବିରାଜ ବିଶ୍ୱାଳ, ବିଜୟ ପାଣିଗ୍ରାହୀ, ଶରତ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, କେଶବ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡ. ହୃଷୀକେଶ ନାୟକଙ୍କୁ କପିଳେଶ୍ୱର ଦାସ ସ୍ମୃତି ସମ୍ମାନ



ସାହିତ୍ୟ ସମାଜ ପକ୍ଷରୁ ଆଲୋଚକଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର,୨୪।୧୧(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ରବିବାର କପିଳେଶ୍ୱର ଦାସ ସ୍ମାରକୀ ବକ୍ତୃତା ଓ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢୀ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ରୂପେ ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇ କପିଳେଶ୍ୱରଙ୍କ ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗଣେଶ୍ୱର ଦାସ ପିତାଙ୍କ ଶୃଙ୍ଖଳାନିଷ୍ଠ ଜୀବନ ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଆଲୋଚକ ଡ. ହୃଷୀକେଶ ନାୟକଙ୍କୁ କପିଳେଶ୍ୱର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ଡ. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ସାହିତ୍ୟିକ କପିଳେଶ୍ୱର ଦାସ' ଶୀର୍ଷକ ସ୍ମୃତି ପୁସ୍ତିକା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକାରୀ ସମିତି ସଦସ୍ୟ ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ସ୍ୱାଗତ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ରମେଶ ଚନ୍ଦ୍ର ତ୍ରିପାଠୀ, ମେଜର ରମାରମଣ ପାଢୀ, ଡ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ପଣ୍ଡା ଓ ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ ପ୍ରମୁଖ ସହଯୋଗ କରିଥିଲେ।

### ନୂଆ ହିତାଧିକାରୀଙ୍କୁ ଭତ୍ତା

ଗଞ୍ଜାମ,୨୪।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ କନ୍‌ଫରେନ୍ସ ହଲ୍‌ଠାରେ ଶନିବାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏହାର ଶୁଭାରମ୍ଭ କରିଥିଲେ। ଏଥିସହ ଦିବ୍ୟାଙ୍ଗ କିମ୍ବା ବୟୋଜ୍ୟେଷ୍ଠ ବ୍ୟକ୍ତି ଯେଉଁମାନେ ଟଙ୍କା ନେବାପାଇଁ ଆସିପାରୁନାହାନ୍ତି ସେମାନଙ୍କ ଘରକୁ ଯାଇ ତାଙ୍କ ଭତ୍ତା ଟଙ୍କା ପ୍ରଦାନ କରିବାକୁ ବ୍ଲକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡ଼ିଓ ଅଚ୍ଯୁତ ଯାନୀ, ଏବିଡ଼ିଓ ଭବାନୀ ଶଙ୍କର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ନିରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଗଞ୍ଜାମ ବ୍ଲକର ୧୫ ପଞ୍ଚାୟତର ୩୦୬ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଥିଲା। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ଶଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ସମସ୍ତ ଯୋଗ୍ୟ ବିବେଚିତ ତିନି ମାସର ଭତ୍ତା ପ୍ରଦାନ କରିଥିଲେ ବିଧାୟକ। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସମସ୍ତ ପିଆଇ ମେମ୍ବର ଓ କର୍ମଚାରୀ ଉପସ୍ଥିତ ଥିଲେ।

## କେଏସ୍‌ୟୁବି କଲେଜରେ ଏନ୍‌ସିସି ଦିବସ




ମଞ୍ଚାସୀନ ଅତିଥିମାନେ।

ଭଞ୍ଜନଗର,୨୪।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ରବିବାର ୭୬ତମ ଏନ୍‌ସିସି ଦିବସ ପାଳିତ ହୋଇଛି। ଏନ୍‌ସିସି ଆର୍ମି ଏବଂ ନାଭାଲ ପକ୍ଷରୁ ମିଳିତ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରି ଏନସିସି ଦିବସର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତନରଡ଼ା ୮ମ ସ୍ୱତନ୍ତ୍ର ବାଟାଲିୟନ ଡେପୁଟି କମାଣ୍ଡାଣ୍ଟ ଲଳିତ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ସିସି କ୍ୟାଡେଟମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଶୈକ୍ଷିକ ପରିଷଦ ସମ୍ପାଦକ ହର ପ୍ରସାଦ ଶତପଥୀ, ପ୍ରଶାସନିକ ଅଧିକାରୀ ବିଭାସ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। ନାଭାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର ସ୍ୱାଗତ ସୂଚନା ଦେଇଥିଲେ। ଏନ୍‌ସିସି ଆର୍ମି ଅଫିସର ରଜନୀକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କିଛି କ୍ୟାଡେଟ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାଡେଟ୍‌ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୨୪।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଗରଡମା ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମ ଛକ ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ ସହ ୧ କୁଇଣ୍ଟାଲ ୪ କିଲୋ ଗଞ୍ଜେଇ ଜବତ କରିଛି ଅଡ଼ବା ପୋଲିସ। ଏଥିରେ ସଂପୃକ୍ତ ଥିବା ଗଞ୍ଜାମ ଜିଲାର ଶିବରାମ ପ୍ରଧାନ ଓ ଜଗଦୀଶ ସାହୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅଡ଼ବା ପୋଲିସ ଗୋପୀନାଥପୁର ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ (ଓଡି ୩୩ ଏଏନ-୨୧୧୧)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଗାଡ଼ି ଭିତରୁ ଗଞ୍ଜେଇ ବସ୍ତା ବାହାରିଥିଲା। ବିଡିଓ ରାଜୀବ କୁମାର ଦାଶଙ୍କ ଉପସ୍ଥିତିରେ ଗଞ୍ଜେଇ ବସ୍ତାଗୁଡ଼ିକୁ ଓଜନ କରିବାରୁ ତାହା ୧ କୁଇଣ୍ଟାଲ ୪ କିଲୋ ହୋଇଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ସୁଭ୍ରାନ୍ତ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଶନିବାର ମୋହନା ପୋଲିସ ଓ ଅବକାରୀ କର୍ମଚାରୀ ମିଳିତ ଭାବେ ଗଞ୍ଜେଇ ଗଛ କଟା ଅଭିଯାନ ଆରମ୍ଭ କରଛନ୍ତି। ମୋହନା ଥାନା ଅନ୍ତର୍ଗତ ବଡ଼ସିନ୍ଧବା ପଞ୍ଚାୟତର କୁଟିମେରା ଗ୍ରାମ ନିକଟ ଜଙ୍ଗଲ ଜମିରେ ହୋଇଥିବା ପ୍ରାୟ ୫ କୋଟି ଟଙ୍କାର ଗଞ୍ଜେଇ ଗଛକୁ ମେସିନ ସାହାଯ୍ୟରେ କାଟି ପୋଡ଼ି ନଷ୍ଟ କରିଛି। ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ରା.ଉଦୟଗିରି ଏସ୍‌ଡିପିଓ ଅଶ୍ୱିନୀ ନାୟକ, ତହସିଲଦାର ଜ୍ୟୋତିର୍ମୟ ଦାଶ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ, ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ, ଅବକାରୀ ବିଭାଗ, ବନ ବିଭାଗ ଓ ରାଜସ୍ୱ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ।

### ନୂଆସାହି ଚର୍ଚ୍ଚର ପ୍ରତିଷ୍ଠା ଦିବସ ପାଳିତ

ଜି.ଉଦୟଗିରି,୨୪।୧୧(ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ପରିଷଦ ଅନ୍ତର୍ଗତ ନୂଆସାହି ବପ୍ଟିଷ୍ଟ ଚର୍ଚ୍ଚର ୧୦୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅତି ସୁନ୍ଦର ଭାବେ ପାଳନ କରାଯାଇଥିବା ବେଳେ ମଣ୍ଡଳୀର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଣ୍ଡଳୀର ସମ୍ପାଦକ ପ୍ରମୋଦ ରଞ୍ଜନ ନାୟକ ସ୍ୱାଗତ ତଥା ବିଜ୍ଞାପନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ମାଳିକାପଡ଼ି ବାପ୍ଟିଷ୍ଟମଣ୍ଡଳୀ, କାନବାଗିରି ସିଏନ୍‌ଆଇ ମଣ୍ଡଳୀ ସମେତ ବିଭିନ୍ନ ମଣ୍ଡଳୀର ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି

ଫୁଲବାଣୀ, ୨୪।୧୧(ରାକେଶ କୁମାର ରାଉତ)

**ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର କର୍ମକର୍ତ୍ତା ନିର୍ବାଚନ**



ନିର୍ବାଚନରେ ନବନିର୍ବାଚିତ କର୍ମକର୍ତ୍ତା ଓ ଅନ୍ୟମାନେ।

କନ୍ଧମାଳ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସାଧାରଣ ପରିଷଦ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଣିଥରେ ସଭାପତି ଭାବରେ ପ୍ରଶାନ୍ତ କୁମାର ବେହେରା ଏବଂ ମୁଖ୍ୟ ସମ୍ପାଦକ ଭାବରେ ଡ.କାହ୍ନୁଚରଣ ଶତପଥୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଫୁଲବାଣୀ ସର୍କିଟହାଉସ ପରିସରରେ ଆୟୋଜିତ ସଭାରେ ଅନୁଷ୍ଠାନର ପୁରାତନ କମିଟି ସଭାପତି ବେହେରା ନିଜର ଅଭିଭାଷଣରେ ପୂର୍ବ ଦିନମାନଙ୍କରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଉଥିବା ତ୍ରୟମାସିକ ସ୍ମରଣିକା ବନଜ୍ୟୋତ୍ସ୍ନା, ଆୟୋଜିତ ଜିଲାସ୍ତରୀୟ ପୁସ୍ତକମେଳା ଓ ସାଂସ୍କୃତିକ ଉତ୍ସବରେ ସଦସ୍ୟଙ୍କ ସହାୟତା, ଫୁଲବାଣୀର ଆଖପାଖ ଅଞ୍ଚଳରେ ଥିବା ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଗୁରୁତ୍ୱ ଦେଇ କରାଯାଇଥିବା କହିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ଉପ ସଭାପତି ଭାବେ ଶରତ ଚନ୍ଦ୍ର ମହାନ୍ତି ଓ ସୁଜିତ୍ ବେହେରା, ସହ ସମ୍ପାଦକ ପ୍ରଣୟ ସାମନ୍ତରାୟ ଓ ବିରାଜିନି ମହାପାତ୍ର, ସୋମନାଥ ସାହୁ, ସାଂସ୍କୃତିକ ସମ୍ପାଦିକା ମୁସ୍କାନ ସୁଆର, ସହ ସାଂସ୍କୃତିକ ସମ୍ପାଦିକା ରୂପେ ରୁପମ୍ବିକା ତ୍ରିପାଠୀଙ୍କୁ ନିର୍ବାଚିତ କରାଯାଇଥିଲା।

